# କଟକ ସିଟି



## ଷ୍ଟିୱାର୍ଟ ବିଜ୍ଞାନ ମହାବିଦ୍ୟାଳୟରେ ବିଶ୍ୱ ରେଡ୍‌କ୍ରସ୍ ଦିବସ




କଟକ, ୧୦।୫(ସମିସ): ଷ୍ଟିୱାର୍ଟ ବିଜ୍ଞାନ ମହାବିଦ୍ୟାଳୟର ଯୁବ ରେଡ୍‌କ୍ରସ ଦ୍ୱାରା ବିଶ୍ୱ ରେଡ୍‌କ୍ରସ ଦିବସ ଉପଲକ୍ଷେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମହାବିଦ୍ୟାଳୟର ଅଧକ୍ଷା ଡଃ ଦୀପା ନାଗ୍ ଅଧକ୍ଷତା କରିଥିଲେ । ମହାବିଦ୍ୟାଳୟର ରସାୟନ ବିଭାଗର ମୁଖ୍ୟ ଡଃ ଅବନୀକୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ସ୍ୱେଚ୍ଛାସେବୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା । ଡଃ ସସ୍ମିତା ପଟ୍ଟନାୟକ ଏହି ପ୍ରଶିକ୍ଷଣ ଦେଇଥିଲେ । ଡଃ ସ୍ମିତା ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ବ୍ୟାଙ୍କ୍ କର୍ମଚାରୀ ନେତା ଆଦିତ୍ୟ ଦାସଙ୍କ ଶ୍ରଦ୍ଧାଞ୍ଜଳି ସଭା




କଟକ, ୧୦।୫(ସମିସ): ଇଣ୍ଡିଆନ ବ୍ୟାଙ୍କ୍ ଓ କଟକ ନଗର ବ୍ୟାଙ୍କ କର୍ମଚାରୀ ନେତା ଆଦିତ୍ୟ ଦାସଙ୍କ ବିୟୋଗରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି । ବାରବାଟୀ ଷ୍ଟାଡିୟମଠାରେ ସାରା ଓଡ଼ିଶା ଇଣ୍ଡିଆନ ବ୍ୟାଙ୍କ କର୍ମଚାରୀ ସଂଘ ଓ କଟକ ବ୍ୟାଙ୍କ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ଇଣ୍ଡିଆନ ବ୍ୟାଙ୍କ କର୍ମଚାରୀ ସଂଘର ସାଧାରଣ ସମ୍ପାଦକ ଶ୍ୟାମା ପ୍ରସନ୍ନ ମହାନ୍ତି, ଏଆଇଟିୟୁସିର ଜିଲ୍ଲା ସଭାପତି କିଶୋର ଜେନା, ଇସକଫ୍‌ର ସାଧାରଣ ସମ୍ପାଦକ ବିଜୟ ପଡ଼ିହାରୀ, ସିପିଆଇ ଜିଲ୍ଲା ସମ୍ପାଦକ ବିନୋଦ ବେହେରା, ବୀମା କର୍ମଚାରୀ ନେତା ବିଜୟ ସାହୁ, ବ୍ୟାଙ୍କ କର୍ମଚାରୀ ସମନ୍ୱୟ ସମିତିର ଆବାହକ ବିଶୁଦ୍ଧ ଦାସ, ଇଣ୍ଡିଆନ ବ୍ୟାଙ୍କ ସେବା ନିବୃତ ସଂଘର ସଭାପତି ନଜିର ଅହମ୍ମଦ, ଇପ୍ଟାର ସାଧାରଣ ସମ୍ପାଦକ ସୁଶାନ୍ତ ମହାପାତ୍ର, ନାରୀ ନେତ୍ରୀ କୃଷ୍ଣପ୍ରିୟା ମିଶ୍ର, ଏଓବିଇଏର ଉପସଭାପତି ବିପିନ ବିହାରୀ ପାଢ଼ୀ, ଉପସାଧାରଣ ସମ୍ପାଦକ ଶୁଭ୍ରାଂଶୁ ଶତପଥୀ, ବିଭିନ୍ନ ବ୍ୟାଙ୍କ କର୍ମଚାରୀ ସଂଗଠନର ନେତୃବୃନ୍ଦ ଭ୍ରମରବର ସାହୁ, ବିଜୟ କେତନ ପ୍ରହରାଜ, ଦିଲ୍ଲୀପ ମଲ୍ଲିକ, ଅନନ୍ତ ମହାରଣା, ଚିନ୍ମୟୀ ମହାନ୍ତି, ଜୟପ୍ରକାଶ ବାସା, ବ୍ୟାଙ୍କ ଅଫିସର ସଂଘର ନେତା ଅଶୋକ ଡା, ସମ୍ବିତ ରାଉତ, ବୀମା କର୍ମଚାରୀ ନେତା ସଞ୍ଜୟ ପରିଜା, ସିପିଆଇ ନଗର ସମ୍ପାଦକ ପ୍ରସନ୍ନ ମହାପାତ୍ର, ସାନନ୍ଦ ସେଠୀ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରି କମ୍ରେଡ ଆଦିତ୍ୟ ନାରାୟଣ ଦାସଙ୍କ ଅକାଳ ବିୟୋଗ ବ୍ୟାଙ୍କ କର୍ମଚାରୀ ଆନ୍ଦୋଳନ ଓ ବାମପନ୍ଥୀ ଆନ୍ଦୋଳନ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି କହିଥିଲେ ।

## କୃଷକ ପୂଜନ ସମାରୋହ

କଟକ, ୧୦।୫(ସମିସ): ପବିତ୍ର ଅକ୍ଷୟ ତୃତୀୟା ଉପଲକ୍ଷେ ଆଜି ପୂର୍ବାହ୍ନରେ ମୁଣ୍ଡଳି ଗ୍ରାମ ସ୍ଥିତ ମା' ମଙ୍ଗଳାଙ୍କ ପୀଠରେ କୃଷକ ପୂଜନ ସମାରୋହ ଅନୁଷ୍ଠିତ ହୋଇଯାଇଛି । ସ୍ୱର୍ଣ୍ଣଲତା ସେବା ସହଯୋଗ ପ୍ରତିଷ୍ଠାନ ପକ୍ଷରୁ ଆୟୋଜିତ ଏହି ସମାରୋହରେ ୨୦ଜଣ ଅଗ୍ରଣୀ ଚାଷୀଙ୍କୁ ମାନପତ୍ର, ଉତ୍ତରୀୟ ଓ ଫୁଲମାଳ ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା । ଏଥିରେ ପ୍ରତିଷ୍ଠାନର ସଭାପତି ଦାମୋଦର ସାହୁ ଅଧକ୍ଷତା କରିଥିଲେ । ବିଶିଷ୍ଟ ପରିବେଶ ବିଜ୍ଞାନୀ ଡ. ଆଶୁତୋଷ ଦେବତା ଯୋଗଦେଇ ଖାଦ୍ୟ ଶସ୍ୟ ବିଶେଷ କରି ଧାନ ଉତ୍ପାଦନ ବୃଦ୍ଧି ପାଇଁ କେତେକ ପରାମର୍ଶ ଦେଇଥିଲେ । ପ୍ରଫେସର ଡ଼ ଶୈଳଜା ନନ୍ଦିନୀ ଜେନା, ସମ୍ପାଦକ ଡ଼ ସତ୍ୟ ରାୟ, ରୋଟାରିଆନ ଆଲୋକ ସାହୁ, କବି ମୂରଲୀଧର ସାମଲ, ସରପଞ୍ଚ କଣ୍ଢେଇ ସାହୁ, ଗୌରାଙ୍ଗ ରାଉତ, ଅଶ୍ୱିନୀ ସାହୁ ପ୍ରମୁଖ ଯୋଗଦେଇ ଚାଷୀଙ୍କୁ ଉତ୍ସାହିତ କରିଥିଲେ ।

**ଏସ୍‌ସିବି ଅଧୀକ୍ଷକଙ୍କ ନିକଟରେ ଅଭିଯୋଗ**

# ରୋଗୀଙ୍କୁ ଘରୋଇ ହସ୍ପିଟାଲ ପଠାଉଛନ୍ତି ଡାକ୍ତର !

କଟକ, ୧୦।୫(ସମିସ)

ଏସ୍‌ସିବି ମେଡିକାଲ ଡାକ୍ତରଙ୍କ ବିରୋଧରେ ପୁଣି ଏକ ସଙ୍ଗୀନ ଅଭିଯୋଗ ଆସିଛି । ରୋଗୀଙ୍କୁ ଘରୋଇ ହସ୍ପିଟାଲକୁ ଯିବା ପାଇଁ କହିଛନ୍ତି ଜନୈକ ଡାକ୍ତର । ବଡ ମେଡିକାଲରେ ଚିକିତ୍ସାର ବିଶେଷ ସୁବିଧା ସୁଯୋଗ ନାହିଁ । ଏଠାରେ ରହିଲେ ଅସ୍ତ୍ରୋପଚାରରେ ବିଳମ୍ବ ହେବ । ଏଣୁ ଘରୋଇ ହସ୍ପିଟାଲକୁ ଚାଲିଯାଅ ବୋଲି ଡାକ୍ତର କହିଥିବା ନେଇ ରୋଗୀ ସମ୍ପର୍କୀୟ ମନୋରଞ୍ଜନ ମାହାଳିକ ଅଭିଯୋଗ ଉଠାଇ ଅଧୀକ୍ଷକ ପ୍ରଫେସର ଡାକ୍ତର ସୁଧାଂଶୁ ଶେଖର ମିଶ୍ରଙ୍କୁ ଲିଖିତ ଭାବେ ଜଣାଇଛନ୍ତି । ବଡ ମେଡିକାଲକୁ ବିଶ୍ୱସ୍ତରୀୟ କରିବା ନିମନ୍ତେ ରାଜ୍ୟ ସରକାର ଉଦ୍ୟମ ଚଳାଇଥିବା ବେଳେ କେତେକ ଡାକ୍ତରଙ୍କ ଏଭଳି କାର୍ଯ୍ୟ ଯୋଗୁଁ ମେଡିକାଲ ବଦନାମ ମୁଣ୍ଡାଉଛି । ତେବେ ଏଭଳି ଘଟଣାକୁ ନେଇ ମେଡିକାଲ କର୍ତ୍ତୃପକ୍ଷଙ୍କ କୌଣସି ପ୍ରତିକ୍ରିୟା ମିଳି ପାରିନାହିଁ ।




ରୋଗୀ ସେବାକୁ ସହଜସାଧ କରିବା ନିମନ୍ତେ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି । ରାଜ୍ୟର ଏହି ସର୍ବବୃହତ୍ତ ସରକାରୀ ହସ୍ପିଟାଲରେ ପ୍ରତ୍ୟେକ ରୋଗୀ କିପରି ଉନ୍ନତ ଚିକିତ୍ସା ପାଇବେ ସେଥିପାଇଁ ସମସ୍ତ ବନ୍ଦୋବସ୍ତ ହୋଇଛି । କିନ୍ତୁ କେତେକ ନିର୍ଦ୍ଦିଷ୍ଟ ଅଧିକାରୀ ଓ କର୍ମଚାରୀଙ୍କ ମନୋମୁଖୀ କାର୍ଯ୍ୟ ଯୋଗୁଁ ମେଡିକାଲ ପ୍ରାୟତଃ ନିନ୍ଦା ମୁଣ୍ଡାଉଛି । ଶୁକ୍ରବାର ପୁଣି ଏମିତି ଏକ ଘଟଣା ସାମ୍ନାକୁ ଆସିଛି । ଅଭିଯୋଗକାରୀ ମନୋରଞ୍ଜନଙ୍କ ଘର କେନ୍ଦ୍ରାପଡ଼ା ଆଳି ଅଞ୍ଚଳରେ । ସେ ଭୁବନେଶ୍ୱରରେ ରୁହନ୍ତି । ତାଙ୍କ ଅଭିଯୋଗ ଅନୁସାରେ, ପତ୍ନୀ ରଞ୍ଜିତାଙ୍କ ହାତରେ ଆଘାତ ଲାଗିଥିଲା । ପତ୍ନୀଙ୍କୁ ନେଇ ସେ ପ୍ରଥମେ ଭୁବନେଶ୍ୱର ଏମ୍ସ ହସ୍ପିଟାଲ ଯାଇଥିଲେ । ପରେ କଟକ ବଡ ମେଡିକାଲ ଆସିଥିଲେ । ଗତ ୬ ତାରିଖରେ ରଞ୍ଜିତାଙ୍କୁ ଅସ୍ଥିଶଲ୍ୟ ବିଭାଗରେ ଭର୍ତ୍ତି କରାଯାଇଥିଲା । ୧୦ ତାରିଖରେ ତଥା ଶୁକ୍ରବାର ରଞ୍ଜିତାଙ୍କ ଆର୍ଥୋସ୍କୋପି ପଦ୍ଧତିରେ ଅସ୍ତ୍ରୋପଚାର କରାଯିବ ବୋଲି ଡାକ୍ତର କହିଥିଲେ । ଡାକ୍ତରଙ୍କ ପରାମର୍ଶ ଅନୁସାରେ ମନୋରଞ୍ଜନ ପତ୍ନୀଙ୍କର ସମସ୍ତ ପରୀକ୍ଷାନିରୀକ୍ଷା କରାଇଥିଲେ । ଆଜି ଅସ୍ତ୍ରୋପଚାର ହୋଇଥାନ୍ତା, ଏଣୁ ଗୁରୁବାର ବିଳମ୍ବିତ ରାତିରୁ ରଞ୍ଜିତାଙ୍କ ଖାଦ୍ୟପେୟ ବନ୍ଦ କରି ଦିଆଯାଇଥିଲା । ଶୁକ୍ରବାର ଅପରେସନ ଥିଏଟର ସମ୍ମୁଖରେ କିଛି ଘଣ୍ଟା ଅପେକ୍ଷା କରିବା ପରେ ଜନୈକ ଡାକ୍ତର କହିଥିଲେ ଯେ, ଆର୍ଥୋସ୍କୋପି ପଦ୍ଧତିରେ ଅସ୍ତ୍ରୋପଚାର କରାଯିବ ନାହିଁ । ଓପନ୍ ସର୍ଜରୀ ହୋଇ ପାରିବ । ମନୋରଞ୍ଜନ ଏହାର କାରଣ ପଚାରିବାରୁ ସମ୍ପୃକ୍ତ ଡାକ୍ତର କହିଥିଲେ କି, ଆର୍ଥୋସ୍କୋପି ପଦ୍ଧତିରେ ଅସ୍ତ୍ରୋପଚାର କଲେ ୫ ଘଣ୍ଟା ସମୟ ଲାଗିବ । ଏହା ଭିତରେ ଅନ୍ୟ ରୋଗୀଙ୍କୁ ବି ଦେଖିବାକୁ ପଡ଼ିବ । ଓପନ୍ ସର୍ଜରୀରେ କୌଣସି ସମସ୍ୟା ନାହିଁ ବୋଲି ଡାକ୍ତର କହିବା ପରେ ତାଙ୍କ କଥାରେ ସହମତ ହୋଇଥିଲେ ମନୋରଞ୍ଜନ । ମାତ୍ର ପୁଣି ଥରେ ଅପେକ୍ଷା କରି ରହିଥିଲେ ସୁଦ୍ଧା ରଞ୍ଜିତାଙ୍କ ପାଳି ପଡ଼ିନଥିଲା । ଏଣୁ ମନୋରଞ୍ଜନ ଆଉ ଥରେ ଡାକ୍ତରଙ୍କୁ ଅସ୍ତ୍ରୋପଚାର ବାବଦରେ ପଚାରିଥିଲେ । ଆଜି ଅସ୍ତ୍ରୋପଚାର ହୋଇ ପାରିବ ନାହିଁ । ଆସନ୍ତା ଶୁକ୍ରବାର ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ଡାକ୍ତର କହିଥିଲେ । ତେବେ ଏହାର କାରଣ ପଚାରିବାରୁ ସମ୍ପୃକ୍ତ ଡାକ୍ତର ଜଣକ କହିଥିଲେ କି, ଏସ୍‌ସିବିରେ ଆର୍ଥୋସ୍କୋପି ପଦ୍ଧତିରେ ଅସ୍ତ୍ରୋପଚାର କରାଯିବ ନାହିଁ । ତୁମେ ଘରକୁ ହସ୍ପିଟାଲକୁ ଚାଲିଯାଅ । ଅପେକ୍ଷା କରି ରହିବା ପରେ ଡାକ୍ତରଙ୍କ ମୁହଁରୁ ଏ କଥା ଶୁଣି ମନୋରଞ୍ଜନ ନିରାଶ ହେବା ସହ ଅଧୀକ୍ଷକଙ୍କୁ ଭେଟି ଲିଖିତ ଅଭିଯୋଗ ପତ୍ର ଦେଇଛନ୍ତି । ତେବେ ସୋମବାର ସୁଦ୍ଧା ତାଙ୍କ ପତ୍ନୀଙ୍କର ଅସ୍ତ୍ରୋପଚାର କରାଯିବ ବୋଲି ଅଧୀକ୍ଷକ ପ୍ରତିଶ୍ରୁତି ଦେଇଥିବା ମନୋରଞ୍ଜନ ଜଣାଇଛନ୍ତି ।

### କାର୍ଯ୍ୟାନୁଷ୍ଠାନ ନାହିଁ; ପୁରୁଣା ଘଟଣାର ପୁନରାବୃତ୍ତି

ବଡ ମେଡିକାଲରେ ଏଭଳି ଘଟଣା ବାରମ୍ବାର ଘଟି ଚାଲିଥିଲେ ମଧ୍ୟ କୌଣସି ଆଖିଦୃଶିଆ ପଦକ୍ଷେପ ନିଆଯାଉନାହିଁ । କିଛି ଦିନ ପୂର୍ବେ କାଜୁଆଲିଟିରେ ଅନୁରୂପ ଘଟଣା ସାମ୍ନାକୁ ଆସିଥିଲା । ବିଳମ୍ବିତ ରାତିରେ ଜନୈକ ଡାକ୍ତର ମଧ୍ୟ ଜଣେ ରୋଗୀ ସମ୍ପର୍କୀୟଙ୍କୁ ଏଭଳି କହିଥିଲେ । ଏସ୍‌ସିବିରୁ ରୋଗୀ ନେଇ ଘରୋଇ ହସ୍ପିଟାଲ ଚାଲିଯିବାକୁ ଡାକ୍ତର କହିବା ପରେ ଏହାକୁ ନେଇ ଅସନ୍ତୋଷ ଦେଖାଦେଇଥିଲା । ପୂର୍ବ ଘଟଣାରେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମେଡିକାଲ କର୍ତ୍ତୃପକ୍ଷ ସେ ସମୟରେ ମତ ଦେଇଥିଲେ । ମାତ୍ର ସମ୍ପୃକ୍ତ ଡାକ୍ତରଙ୍କୁ କିଛି ଦିନ କାଜୁଆଲିଟି ଡ୍ୟୁଟିରୁ ବାଦ୍ ଦିଆଯାଇଥିବା ବେଳେ ପରବର୍ତ୍ତୀ ସମୟରେ ପୁନର୍ବାର ଦାୟିତ୍ୱ ଦିଆଯାଇଛି । ଏଣୁ ଡାକ୍ତରମାନଙ୍କ ଏଭଳି କାର୍ଯ୍ୟ ଉପରେ ବିଶେଷ ଦୃଷ୍ଟି ଦେବାକୁ ଅନେକ ରୋଗୀ ସମ୍ପର୍କୀୟ କହିଛନ୍ତି ।

# ଲଙ୍ଗଳ ଧରିଲେ ସଂତୃପ୍ତ ଓ ପ୍ରଭାତ

ଚୌଦ୍ୱାର, ୧୦।୫(ସମିସ)



ପବିତ୍ର ଅକ୍ଷୟ ତୃତୀୟା ଅବସରରେ ବିଭିନ୍ନ ସ୍ଥାନରେ ଅଖିମୁଠି ଅନୁକୂଳ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଟାଙ୍ଗୀ-ଚୌଦ୍ୱାର ବ୍ଲକ ଆଗ୍ରାହାଟ ପଞ୍ଚାୟତର କୁଜିବର ଗ୍ରାମରେ ଆୟୋଜିତ ଅଖିମୁଠି ଅନୁକୂଳ କାର୍ଯ୍ୟକ୍ରମରେ ବିଜୁ ଜନତା ଦଳର ସାଂସଦ ପ୍ରାର୍ଥୀ ଡଃ ସନ୍ତୃପ୍ତ ମିଶ୍ର ଓ ପୂର୍ବତନ ବିଧାୟକ ଡଃ ପ୍ରଭାତ ରଞ୍ଜନ ବିଶ୍ୱାଳ ଅତିଥି ଭାବେ ଯୋଗଦେଇ ବିଲରେ ବିହନ ବୁଣିବା ସହିତ ଲଙ୍ଗଳ ଧରି ହଳ କରି ସ୍ଥାନୀୟ ଚାଷୀଙ୍କୁ ଉତ୍ସାହିତ କରିଥିଲେ । କୃଷି ଆମ ଦେଶର ମେରୁଦଣ୍ଡ । କୃଷକଟିଏ ଖୁସିରେ ରହିଲେ ଦେଶ ହସିବ । କୃଷକଙ୍କ ବିକାଶ ନିମନ୍ତେ ରାଜ୍ୟ ସରକାର ସଦାସର୍ବଦା ତତ୍ପର । କ୍ଷୁଦ୍ର ଚାଷୀଙ୍କ ଠାରୁ ଆରମ୍ଭ କରି ବୃହତ୍ତ ଚାଷୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଅନେକ ଯୋଜନା କାର୍ଯ୍ୟକାରୀ କରାଯାଇଛି । ରାଜ୍ୟରେ ବିଜୁ ଜନତା ଦଳର ସରକାର ଦ୍ୱାରା ହୋଇଥିବା କାଳିଆ ଯୋଜନା ବଳରେ ଲକ୍ଷାଧିକ ଚାଷୀ ଉପକୃତ ହେଉଛନ୍ତି । ବିଜୁ ଜନତା ଦଳର ପ୍ରାର୍ଥୀଙ୍କୁ ଶଙ୍ଖ ଚିହ୍ନରେ ମୋହର ମାରି ଜୟଯୁକ୍ତ କରିବାକୁ ଆୟୋଜିତ କାର୍ଯ୍ୟକ୍ରମରେ ମତ ପ୍ରକାଶ ପାଇଥିଲା । ପୂର୍ବତନ ବିଧାୟକ ଡ. ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କ ପୌରୋହିତ୍ୟରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଡଃ ବିଶ୍ୱାଳ ୨୦୧୪ ମସିହାରୁ କୁଜିବର ଗ୍ରାମରେ ଅଖିମୁଠି ଉତ୍ସବ ପାଳନ କରି ଆସୁଛନ୍ତି । ଚୌଦ୍ୱାର-କଟକ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବିଭିନ୍ନ ଗ୍ରାମର ଚାଷୀଙ୍କ ସହ ଡଃ ବିଶ୍ୱାଳ ଯୋଡି ହୋଇ ରହିଛନ୍ତି । ସାଂସଦ ପ୍ରାର୍ଥୀ ଡଃ ମିଶ୍ର ଏଠାକାର ଚାଷୀଙ୍କୁ ଭେଟିଥିଲେ । ଶୁକ୍ରବାର ଡଃ ମିଶ୍ର କୁଜିବର ଗ୍ରାମରେ ପହଞ୍ଚିବା ପରେ ଚାଷୀ ଭାଇମାନଙ୍କ ପକ୍ଷରୁ ତାଙ୍କୁ ଭବ୍ୟ ସ୍ୱାଗତ ଜଣାଯାଇଥିଲା । ଏହି ଅବସରରେ ସେ ଚାଷୀଙ୍କ ସହ ଅନେକ ସମୟ ଧରି ଆଲୋଚନା କରିବା ସହ ତାଙ୍କ ସୁବିଧା ଅସୁବିଧା ପଚାରି ବୁଝିଥିଲେ । କାର୍ଯ୍ୟକ୍ରମରେ ଯୁବନେତା ଶାରଦା ରଞ୍ଜନ ପରିଜା, ଚୌଦ୍ୱାର ପୌରପାଳିକା କାଉନସିଲର ଆଶୁତୋଷ ଦାସ, ସାଧୁ ସୁନ୍ଦର ସ୍ମୃତି କମିଟି ସମ୍ପାଦକ ଶରତ ଚନ୍ଦ୍ର ନାୟକ, ଆଳତି ଯୁବକ ସଂଘର ସଦସ୍ୟବୃନ୍ଦ ଏବଂ ସ୍ଥାନୀୟ ଗ୍ରାମବାସୀମାନେ ଯୋଗଦେଇଥିଲେ ।

## ଜାତୀୟ ଧାନ ଗବେଷଣା କେନ୍ଦ୍ରରେ ଅକ୍ଷୟ ତୃତୀୟା

କଟକ, ୧୦।୫(ସମିସ): ଓଡ଼ିଶା ଏକ କୃଷି ପ୍ରଧାନ ରାଜ୍ୟ । କୃଷି ଓ କୃଷକ ଦୁହେଁ ପରସ୍ପର ସହିତ ଅଙ୍ଗାଙ୍ଗୀ ଭାବେ ଜଡିତ, ଏକ ଓ ଅଭିନ୍ନ । ବୈଶାଖ ମାସ ଶୁକ୍ଲ ପକ୍ଷ ତୃତୀୟାକୁ 'ଅକ୍ଷୟ ତୃତୀୟା'-ଯାହାକି କୃଷି କାର୍ଯ୍ୟର ଶୁଭାରମ୍ଭ । କଟକ ସ୍ଥିତ ଜାତୀୟ ଧାନ ଗବେଷଣା ଅନୁଷ୍ଠାନରେ ଆଜି ଅକ୍ଷୟ ତୃତୀୟା ପାଳନ କରାଯାଇଥିଲା । ଅନୁଷ୍ଠାନର ନିର୍ଦ୍ଦେଶକ ଡ. ଅମରେଶ କୁମାର ନାୟକ କ୍ଷେତ୍ରର ମାଟିରେ ପବିତ୍ର ଧାନ ବିହନ ବୁଣି ମୁଠି ଅନୁକୂଳ କଲେ । ଏହି ପରମ୍ପରା କେବଳ ସାଂସ୍କୃତିକ ମହତ୍ତ୍ୱ ରଖେ ନାହିଁ ବରଂ କୃଷି ଗବେଷଣା ଏବଂ ବିକାଶ ପାଇଁ ଅନୁଷ୍ଠାନର ପ୍ରତିବଦ୍ଧତାକୁ ପ୍ରତିକ କରେ । ପରମ୍ପରାକୁ ଆଧୁନିକ କୃଷି ଅଭ୍ୟାସ ସହିତ ମିଶ୍ରଣ କରି ଏହିପରି ରୀତିନୀତି ପାଳନ କରାଯାଉଥିବା ଦେଖିବା ଏକ ହୃଦୟସ୍ପର୍ଶୀ କଥା । ଅନୁଷ୍ଠାନର ବିଭିନ୍ନ ବିଭାଗର ମୁଖ୍ୟ, ଅନ୍ୟ କର୍ମଚାରୀ ବୃନ୍ଦ ସମସ୍ତେ ଏହି ଶୁଭ କୃଷି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।



**ପ୍ରକାଶଙ୍କ ପ୍ରତିଶ୍ରୁତି**

## ଗଡ଼ଖାଇ ହେବ ସହରର ମୁଖ୍ୟ ଆକର୍ଷଣ

କଟକ, ୧୦।୫(ସମିସ): ଆଜି ପୂର୍ବାହ୍ନରେ ବାରବାଟୀ ଷ୍ଟାଡିୟମରେ ପହଞ୍ଚି ଯାଇଥିଲେ ବିଜେଡିର ବାରବାଟୀ-କଟକ ବିଧାୟକ ପ୍ରାର୍ଥୀ ପ୍ରକାଶ ଚନ୍ଦ୍ର ବେହେରା । ଷ୍ଟାଡିୟମକୁ ଯିବା ପୂର୍ବରୁ ପ୍ରକାଶ ପ୍ରଥମେ ସତ୍ୟବ୍ରତ ଗ୍ରାଉଣ୍ଡରେ ମର୍ଣ୍ଣିଂୱାକ କରୁଥିବା ପଥଚାରୀ ମାନଙ୍କୁ ଭେଟିଥିଲେ । ସହରର ବିକାଶ ପାଇଁ ଆଉ କେଉଁ କାର୍ଯ୍ୟ କରାଯାଇ ପାରିବ ସେ ବାବଦରେ ପ୍ରାତଃଭ୍ରମଣକାରୀଙ୍କ ଠାରୁ ପଚାରି ବୁଝିଥିଲେ । ସମସ୍ତ ଜନସାଧରଣଙ୍କ ମତ ନେଇ ସେ କାର୍ଯ୍ୟ କରିବେ ବୋଲି କହିଥିଲେ । ସହରର ଐତିହ୍ୟ ଓ ଏହାର ମୁକସାକ୍ଷୀ ହେଉଛି ବାରବାଟୀ ଦୁର୍ଗ ଚାରିପାଖରେ ଥିବା ଗଡ଼ଖାଇ । ଏହାର ପୁର୍ନରୁଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଏବଂ ଏହାର ଐତିହ୍ୟକୁ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରକୁ ନେବା ପାଇଁ ପ୍ରୟାସ କରାଯିବ । ତେଣୁ ବିକାଶର କଥାକୁ ବିଶ୍ୱାସ କରୁଥିବା ବିଜେଡି ସରକାର ଦ୍ୱାରା ହିଁ ଏହା ସମ୍ଭବ ହୋଇପାରିବ । ଆଗାମୀ ଦିନରେ ଗଡ଼ଖାଇ କଟକ ସହରର ମୁଖ୍ୟ ଆକର୍ଷଣ ପାଲଟିବ ବୋଲି ପ୍ରକାଶ ଏହି ଅବସରରେ ପ୍ରତିଶ୍ରୁତି ଦେଇଛନ୍ତି । ମେୟର ସୁବାସ ସିଂହ ଉପସ୍ଥିତ ରହି ଯୋଡ଼ି ଶଙ୍ଖରେ ମୋହର ମାରିବାକୁ ପ୍ରାତଃଭ୍ରମଣକାରୀଙ୍କୁ ନିବେଦନ କରିଥିଲେ । ପରେ ବିଧାୟକ ପ୍ରାର୍ଥୀ ପ୍ରକାଶ ଚା' ଖଟିରେ ପହଞ୍ଚିଥିଲେ । ସହରର ଅନେକ ବୁଦ୍ଧିଜୀବୀ ଓ ମାନଗଣ୍ୟ ବ୍ୟକ୍ତିଙ୍କ ସହ ଚା' ଖଟିର ଆସର ଜମିଥିଲା । ଅନ୍ୟପକ୍ଷରେ କନିକା ଛକଠାରେ ବିଜେଡିର ବାରବାଟୀ କଟକ ବିଧାୟକ ପ୍ରାର୍ଥୀ ପ୍ରକାଶ ବେହେରାଙ୍କ କାର୍ଯ୍ୟାଳୟ ଆଜି ଉଦଘାଟିତ ହୋଇଛି । ସାଂସଦ ଦେବାଶିଷ ସାମନ୍ତରାୟ ଏହାକୁ ଉଦଘାଟନ କରିଥିଲେ । ଉଦଘାଟନ ଅବସରରେ ମେୟର ଶ୍ରୀ ସିଂହଙ୍କ ସମେତ ବାରବାଟୀ କଟକର ବହୁ କର୍ପୋରେଟର, ଯୁବ ଛାତ୍ର ମହିଳା ମାନେ ଉପସ୍ଥିତ ଥିଲେ । ଅପରପଟେ ଆଜି ୨୦ ନଂ ୱାର୍ଡ ଭଣ୍ଡାରିସାହିର ଶ୍ରୀଶ୍ରୀ ଗୋପୀନାଥ ଜୀଉ ମନ୍ଦିର ଓ ସାହେବଜାଦ ବଜାର, ୧୪ ନଂ ୱାର୍ଡ ମହମ୍ମଦିଆ ବଜାର ଲକ୍ଷ୍ମୀ ନାରାୟଣ ମନ୍ଦିର, ୨୬ ନଂ ୱାର୍ଡ ନିମ ସାହି ଶ୍ରୀଶ୍ରୀ ରାଧା ମୋହନ ଜୀଉ ମନ୍ଦିର, ୩୦ ନଂ ୱାର୍ଡର କୁସନପୁର ତ୍ରିନାଥ ମନ୍ଦିରରେ ଅଷ୍ଟପ୍ରହରୀ ଓ ଅକ୍ଷୟ ତୃତୀୟା ପୂଜା ପ୍ରକାଶ ଯୋଗ ଦେଇଥିଲେ ।



# ନିଆଳି ଓ ମାହାଙ୍ଗା ନିର୍ବାଚନମଣ୍ଡଳୀ ନିମନ୍ତେ ୫ଜଣଙ୍କ ନାମାଙ୍କନ







କଟକ, ୧୦।୫(ସମିସ)

ନିଆଳି, ସାଲେପୁର ଏବଂ ମାହାଙ୍ଗା ବିଧାନସଭା କ୍ଷେତ୍ରର ନିର୍ବାଚନ ନିମନ୍ତେ ଆରମ୍ଭ ହୋଇଥିବା ପ୍ରାର୍ଥିପତ୍ର ଦାଖଲ ପ୍ରକ୍ରିୟାର ଚତୁର୍ଥ ଦିବସରେ ନିଆଳି ଓ ମାହାଙ୍ଗା ନିର୍ବାଚନ ମଣ୍ଡଳୀ ନିମନ୍ତେ ମୋଟ ୫ଜଣ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଛନ୍ତି । କଟକ ଜିଲ୍ଲା ଅନ୍ତର୍ଗତ ନିଆଳି ବିଧାନସଭା ନିର୍ବାଚନ ମଣ୍ଡଳୀ ନିମନ୍ତେ ଆଜି ସ୍ୱାଧୀନ ପ୍ରାର୍ଥୀ ଭାବେ ଅଭିମନ୍ୟୁ ମଲ୍ଲିକ ଏବଂ ତୃପ୍ତିରଞ୍ଜନ ବେହେରା ରିଟର୍ଣ୍ଣି ଅଫିସରଙ୍କ ନିକଟରେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ସେହିପରି ମାହାଙ୍ଗା ବିଧାନସଭା ନିର୍ବାଚନମଣ୍ଡଳୀ ନିମନ୍ତେ ଭାରତୀୟ ଜନତା ଦଳ ପକ୍ଷରୁ ସୁମନ୍ତ କୁମାର ଘଡେଇ, ଜାତୀୟ କଂଗ୍ରେସ ପକ୍ଷରୁ ଦେବେନ୍ଦ୍ର କୁମାର ସାହୁ ଏବଂ ସ୍ୱାଧୀନ ପ୍ରାର୍ଥୀ ଭାବେ ସାରଦା ପ୍ରସାଦ ପ୍ରଧାନ ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ଅନ୍ୟପକ୍ଷରେ ସାଲେପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ନିମନ୍ତେ ଆଜି ଜଣେ ହେଲେ ବି ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିନାହାନ୍ତି । ସୂଚନାଯୋଗ୍ୟ ନିଆଳି, ସାଲେପୁର ଏବଂ ମାହାଙ୍ଗା ବିଧାନସଭା ନିର୍ବାଚନ ନିମନ୍ତେ ପ୍ରାର୍ଥିପତ୍ର ଦାଖଲ ପ୍ରକ୍ରିୟା ଚଳିତ ମାସ ୭ ତାରିଖ ଠାରୁ ଆରମ୍ଭ ହୋଇଛି । ଆଜି ପର୍ଯ୍ୟନ୍ତ ମାହାଙ୍ଗା ବିଧାନସଭା ନିର୍ବାଚନ ମଣ୍ଡଳୀ ନିମନ୍ତେ ୩ଜଣ, ସାଲେପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ନିମନ୍ତେ ୪ଜଣ ଏବଂ ନିଆଳି ବିଧାନସଭା ନିର୍ବାଚନ ମଣ୍ଡଳୀ ନିମନ୍ତେ ୪ଜଣ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି ।

**■ ମାହାଙ୍ଗା ବିଜେପି ଶିବିରରେ ଛନକା**

# ନାମାଙ୍କନ ବେଳେ ବିଦ୍ରୋହୀ ପ୍ରାର୍ଥୀ ସାରଦାଙ୍କ ଶକ୍ତିପ୍ରଦର୍ଶନ

କଟକ, ୧୦।୫(ସମିସ)



ଆସନ୍ତା ଜୁନ ୧ ତାରିଖରେ ଭୋଟଗ୍ରହଣ ହେବାକୁ ଥିବା ବେଳେ ମାହାଙ୍ଗା ବିଜେପି ସଂଗଠନ ଦୁର୍ବଳ ହେବାରେ ଲାଗିଛି । ଏଠାରେ ବିଜେପି ସଂଗଠନର ମଙ୍ଗ ଧରି ଆସିଥିବା ସାରଦା ପ୍ରଧାନଙ୍କୁ ଦଳ ଟିକଟ ନ ଦେବାରୁ ଶେଷରେ ସେ ବିଦ୍ରୋହୀ ସ୍ୱାଧୀନ ପ୍ରାର୍ଥୀ ଭାବେ ଅବତୀର୍ଣ୍ଣ ହୋଇଛନ୍ତି । ଜିଲ୍ଲାର ତଥା କେନ୍ଦ୍ରାପଡ଼ା ଲୋକସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଏକ ଚର୍ଚ୍ଚିତ ବିଧାନସଭା କ୍ଷେତ୍ର ହେଉଛି ମାହାଙ୍ଗା । ଶାରଦା ସ୍ୱାଧିନ ପ୍ରାର୍ଥୀ ଭାବେ ଆଜି ନାମାଙ୍କନ ପତ୍ର ଦାଖଲ କରିବା ଅବସରରେ ଏକ ବିଶାଳ ଶୋଭାଯାତ୍ରା କରି ନିଜର ଶକ୍ତି ପ୍ରଦର୍ଶନ କରିଥିବା ଦେଖିବାକୁ ମିଳିଛି । ଏପରିକି ତାଙ୍କର ଶୋଭାଯାତ୍ରା ପରେ ବିଜେପି ଶିବିରରେ ଛନକା ପଶିଥିବା ଜଣାପଡ଼ିଛି । ଆସନ୍ତା ୨୦୨୪ ସାଧାରଣ ନିର୍ବାଚନରେ ଏହି ବିଧାନସଭା କ୍ଷେତ୍ରରୁ ବିଜେଡିରୁ ପ୍ରତାପ ଜେନାଙ୍କ ପୁତ୍ର ଅଙ୍କିତ ପ୍ରତାପ ଜେନା ବିଜେପିରୁ ସୁମନ୍ତ ଘଡେଇ ଓ କଂଗ୍ରେସରୁ ଦେବେନ୍ଦ୍ର ସାହୁ ନିର୍ବାଚନ ଲଢେଇରେ ଅବତୀର୍ଣ୍ଣ ହୋଇଛନ୍ତି । ଏଣୁ ଶାରଦାଙ୍କ ମଧ୍ୟ ଏହି ନିର୍ବାଚନରେ ଏକ ନିର୍ଣ୍ଣାୟକ ଭୂମିକା ରହିବ । ଯାହା ବିଜେପିକୁ ଅଡୁଆରେ ପକାଇବ ବୋଲି କୁହାଯାଉଛି । ପ୍ରକାଶଥାଉକି ୨୦୧୪ରେ ସ୍ୱାଧୀନ ପ୍ରାର୍ଥୀ ହୋଇଥିବା ଶାରଦା ଏହି ନିର୍ବାଚନ ମଣ୍ଡଳୀରୁ ୬୧ ହଜାରରୁ ଅଧିକ ଭୋଟ ପାଇଥିବା ବେଳେ ୨୦୧୯ରେ ବିଜେପି ପ୍ରାର୍ଥୀ ହୋଇ ୭୬ ହଜାରରୁ ଅଧିକ ଭୋଟ ହାତେଇବାକୁ ସକ୍ଷମ ହୋଇଥିଲେ । ସେ ବିଦ୍ରୋହୀ ପ୍ରାର୍ଥୀ ହୋଇଥିବାରୁ ବିଜେପି ଭୋଟ ବିଭାଜିତ ହେବା ସ୍ପଷ୍ଟ ହୋଇଛି । ଆଜି ବିଜେପି ପ୍ରାର୍ଥୀ ସୁମନ୍ତ ତାଙ୍କର ନାମାଙ୍କନ ପତ୍ର ଦାଖଲ କରିଥିଲେ ସୁଦ୍ଧା ଶାରଦାଙ୍କ ତୁଳନାରେ ତାଙ୍କର ଶୋଭାଯାତ୍ରା ଫିକା ପଡ଼ିଯାଇଥିଲା ।



# କଟକ ସିଟି

## ନିର୍ବାଚନ ଋତୁରେ ସାଇବର ଅପରାଧୀ ସକ୍ରିୟ

# ଅନ୍‌ଲାଇନ୍ ପ୍ରଚାରପତ୍ର ନାଁରେ ଠକେଇ

**କଟକ, ୧୦।୫(ସମିସ)**

ସାଇବର ଅପରାଧ ରାଜ୍ୟରେ ଦିନକୁ ଦିନ ବଢ଼ିବାରେ ଲାଗିଛି। ବୈଷୟିକ ଜ୍ଞାନକୌଶଳର ବିକାଶ ଘଟୁଥିବା ବେଳେ ସାଇବର ଅପରାଧର ତରିକା ମଧ୍ୟ ବଦଳିବାରେ ଲାଗିଛି। ଏହି ଅପରାଧୀ ମାନେ ନୂଆ ନୂଆ ତରିକାରେ ଅପରାଧ ଘଟାଇ ଚାଲିଛନ୍ତି। ସାଇବର ଅପରାଧୀଙ୍କ ପ୍ରଲୋଭନର ଜାଲରେ ପଡ଼ି ବହୁ ଲୋକେ ପ୍ରତିଦିନ ଠକାମିର ଶିକାର ହୋଇ ଅର୍ଥ ହରାଉଛନ୍ତି। ଫେକ୍ ବା ନକଲି ମୋବାଇଲ ଆପ୍ଲିକେସନ(ଆପ୍) ଓ ନକଲି ତଥା ଅଜଣା ଲିଙ୍କ୍ ଆଦି ଜାଲ ବିଛାଇଛନ୍ତି ସାଇବର ଅପରାଧି। ବିଶେଷକରି ଏବେ ସାରା ଦେଶରେ ନିର୍ବାଚନ ଋତୁ ଚାଲିଥିବା ବେଳେ ଏହି ସାଇବର ଅପରାଧି ମାନେ ଲୁଟ ତରିକା ବଦଳାଉଥିବା ଦେଖିବାକୁ ମିଳୁଛି। ଏପରିକି ରାଜ୍ୟ ବାହାରେ ଏଭଳି ଅପରାଧ ଦୃଷ୍ଟିକୁ ଆସିବା ପରେ ଓଡ଼ିଶା ପୁଲିସ ମଧ୍ୟ ଏ ନେଇ ସାଧାରଣ ଜନତାଙ୍କୁ ସତର୍କ କରାଇଛି। ନିର୍ବାଚନ ଅବ୍ୟବହିତ ପୂର୍ବରୁ

**ଭୋଟର ପରିଚୟପତ୍ର ସଂଶୋଧନ ପାଇଁ ଆସୁଛି ଅଜଣା ଲିଙ୍କ୍**

ଭୋଟର ପରିଚୟପତ୍ର ସଂଶୋଧନ ତଥା ଭୋଟର ତାଲିକାରେ ନାମ ଦରଜ ପାଇଁ ସାଇବର ଅପରାଧି ମାନେ ବିଭିନ୍ନ ପ୍ଲାଟଫର୍ମରେ ପ୍ରଚାର ପ୍ରସାର କରୁଛନ୍ତି। ଏଥିପାଇଁ ଅଜଣା ତଥା ଜାଲ୍ ଲିଙ୍କ ପଠାଉଛନ୍ତି। ଏହି ଲିଙ୍କରେ କ୍ଲିକ କରିଲେ ବିଭିନ୍ନ ତଥ୍ୟ ଦେବାକୁ କୁହାଯାଉଛି। ଏହା ଜରିଆରେ ସାଇବର ଅପରାଧି ମାନେ ବ୍ୟକ୍ତିବିଶେଷଙ୍କ ଗୋପନୀୟ ତଥ୍ୟ ହାସଲ କରି ଲୁଟ କରିବାରେ ସକ୍ଷମ ହେଉଛନ୍ତି। ସେହିପରି ବିଭିନ୍ନ ଅନଲାଇନ ପ୍ରଚାରପତ୍ର ଡିଜାଇନ କରିବା ନାଁରେ ମଧ୍ୟ ବିଭିନ୍ନ ମୋବାଇଲ ଆପ୍ଲିକେସନ ଇନଷ୍ଟଲ କରି କେତେକ ଠକେଇର ଶିକାର ହେଉଛନ୍ତି। ଓଡ଼ିଶା କ୍ରାଇମବ୍ରାଞ୍ଚ ପାଇଁ ଫେକ୍ ୱେବସାଇଟ ଓ ଲିଙ୍କ୍ କିମ୍ବା ମୋବାଇଲ ଆପ୍ଲିକେସନ ଦ୍ୱାରା ଠକେଇ ଏକ ଆହ୍ୱାନ ହୋଇଛି। ପୂର୍ବରୁ ଏହି କ୍ଷେତ୍ରରେ ସରକାରୀ ସଂସ୍ଥା ଗୁଡିକର ୱେବସାଇଟର ନକଲ କରି ଲୋକଙ୍କୁ ବିଭିନ୍ନ ଉପାୟରେ ଠକେଇ କରାଯାଇଥିବାର ନଜିର ରହିଛି। ପ୍ରାୟ ୧୦ରୁ ଅଧିକ ୱେବସାଇଟକୁ ନକଲ ବା କ୍ଲୋନିଂ କରାଯାଇ ଠକେଇ ଘଟଣା ମଧ୍ୟ ଅତୀତରେ ପଦାକୁ ଆସିଛି। ହେଲେ ଏହାର ମୂଳ ପର୍ଯ୍ୟନ୍ତ କ୍ରାଇମବ୍ରାଞ୍ଚ ପହଞ୍ଚିବାକୁ ସକ୍ଷମ ହେଉନାହିଁ। ଅପରାଧି ମାନେ ସୋସିଆଲ ମିଡିଆ ପ୍ଲାଟଫର୍ମରେ ସେମାନଙ୍କ ଜାଲ ବିଛାଉଛନ୍ତି। ବିଭିନ୍ନ ଉଦ୍ଦେଶ୍ୟରେ ତିଆରି ହୋଇଥିବା ଏହି ନକଲି ୱେବସାଇଟ ଲିଙ୍କକୁ ନପରଖି ଲୋକେ ଅସଲି ଭାବି କ୍ଲିକ କରୁଥିବା ଦେଖାଯାଉଛି। ଓଡ଼ିଶା ସରକାର ହୁଅନ୍ତୁ ଅବା କେନ୍ଦ୍ର ସରକାରଙ୍କ ପ୍ରାୟତଃ ବିଭିନ୍ନ ବିଭାଗର ୱେବସାଇଟ ଡୋମେନ ଏନଆଇସି ଡଟ୍ ଇନ୍ କିମ୍ବା ଗଭ୍ ଇନ୍ ଥାଏ। ହେଲେ ନକଲି ୱେବସାଇଟ କ୍ଷେତ୍ରରେ ଏଥିରେ ତାଳମେଳ ରହିନଥାଏ। ନକଲି ୱେବସାଇଟ ପ୍ରସ୍ତୁତକର୍ତ୍ତା ମେସେଜ ପଠାଇ ରେଜିଷ୍ଟ୍ରେସନ ପାଇଁ ଦେଉଥିବା ଲିଙ୍କରେ କ୍ଲିକ କରିବାକୁ କହୁଛନ୍ତି।

## ବ୍ୟବସାୟ ବଞ୍ଚାଇବାକୁ ରାଜନୀତି କରୁଛନ୍ତି ବିରୋଧୀ



**କଟକ, ୧୦।୫(ସମିସ):** କଟକ ସହର ବିକାଶ ପାଇଁ ନବୀନ ସରକାର କୌଣସି ପଛଘୁଞ୍ଚା ଦେଇ ନାହାନ୍ତି। ମୁଖ୍ୟମନ୍ତ୍ରୀ କଟକ ପାଇଁ ବିକାଶର ବ୍ଲାଙ୍କ ଚେକ୍ ଦେଇଛନ୍ତି ବୋଲି ବିଧାୟକ ପ୍ରାର୍ଥୀ ପ୍ରକାଶ ଚନ୍ଦ୍ର ବେହେରା କହିଛନ୍ତି। ଆଜି ୧୯ ନମ୍ବର୍ ୱାର୍ଡ ଅନ୍ତର୍ଗତ ସୂତାହାଟ ଅଞ୍ଚଳରେ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ସମ୍ମିଳନୀରେ ବିରୋଧୀ କଂଗ୍ରେସଙ୍କୁ କଡ଼ା ଜବାବ ଦେଇଛନ୍ତି ପ୍ରକାଶ। ସେ କହିଥିଲେ ଯେ, କଟକରେ ଯେଉଁ ସବୁ ବିକାଶମୂଳକ କାର୍ଯ୍ୟ ହୋଇଛି, ତାହା ବିଜେଡି ସରକାର ଉଦ୍ୟମରେ କରାଯାଇଛି। କଂଗ୍ରେସ ନେତା କେବଳ ନିଜର ବ୍ୟବସାୟ ବଞ୍ଚାଇବାକୁ ରାଜନୀତି କରୁଛନ୍ତି ବୋଲି ପ୍ରକାଶ କହିଥିଲେ। କର୍ମୀ ସମ୍ମିଳନୀରେ ରାଜ୍ୟସଭା ସାଂସଦ ଦେବାଶିଷ ସାମନ୍ତରାୟ, ବିଜେଡି ସାଂସଦ ପ୍ରାର୍ଥୀ ଡଃ ସଂତୃପ୍ତ ମିଶ୍ର ଓ ମେୟର ସୁବାସ ସିଂହଙ୍କ ସମେତ ୱାର୍ଡ କର୍ପୋରେଟର କୁରେଶା ନୁର, ୱାର୍ଡ଼ ସଭାପତି ପ୍ରଦୀପ ସିଂ, ମୁରବୀ ମହମ୍ମଦ ହଲିମ, କଟକ ନଗର ସଂଖ୍ୟାଲଘୁ ସେଲ ଉପସଭାପତି ସୟଦ ସାଜିଦ ଅଲ୍ଲୀ ଏବଂ ୱାର୍ଡ଼ର ଯୁବ କର୍ମୀ ଶେଖ ଆସିଫଙ୍କ ସମେତ ସମସ୍ତ ସାହି ମୁରବି, ଯୁବ, ଛାତ୍ର ଓ ମହିଳା ବିଜେ?ର କର୍ମକର୍ତ୍ତା ଯୋଗ ଦେଇଥିଲେ। ଅପଟପଟେ ଆଜି ଅପରାହ୍ନରେ କଟକ ୨୪ ନମ୍ବର ୱାର୍ଡରେ ବିଜେଡିର ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ହରିପୁର ଦୋଳମୁଣ୍ଡାଇ ପୂଜା କମିଟି ନିକଟରୁ ଏହି ପଦଯାତ୍ରା ବାହାରିଥିଲା। ଏହି ପଦଯାତ୍ରାରେ ବିଜେଡି ବିଧାୟକ ପ୍ରାର୍ଥୀ ପ୍ରକାଶଙ୍କ ସହିତ ଶତାଧିକ ଲୋକେ ଯୋଡ଼ି ହୋଇ ହରିପୁର ଅଞ୍ଚଳରେ ଡୋର ଟୁ ଡୋର କ୍ୟାମ୍ପେନିଂ କରିଥିଲେ। ନିରାମୟ ଉପଦେଷ୍ଟା ରଞ୍ଜନ ବିଶ୍ୱାଳଙ୍କ ନେତୃତ୍ୱରେ ଆୟୋଜିତ ଏହି ପଦଯାତ୍ରାରେ କର୍ପୋରେଟର ଦୀପ୍ତିମୟୀ ମୂଳିଆ, ୱାର୍ଡ ସଭାପତି ପ୍ରତାପ ମୂଳିଆ, କଟକ ଜିଲ୍ଲା ବିଜେଡି ଉପସଭାପତି ଲିଙ୍ଗରାଜ ହାତୀ, କଟକ ନଗର ସମ୍ପାଦକ କାବୁଲି ମୂଳିଆ, ବିଜୁ ଯୁବ ଜନତା ଦଳର ସାଧାରଣ ସମ୍ପାଦକ ଜଗଜ୍ୟୋତି ପଟ୍ଟନାୟକ, ସାହି ସମ୍ପାଦକ ବିକ୍ରମ ଛାଟୋଇ ପ୍ରମୁଖ ସାମିଲ ହୋଇଥିଲେ।

## ବନ୍ଧା ହେଲେ ତିନି ଜୁଆଡ଼ି

**କଟକ, ୧୦।୫(ସମିସ):** ମାଲଗୋଦାମ ଥାନା ପୁଲିସ ଏକ ଜୁଆ ଆଡ୍ଡା ଉପରେ ଚଢ଼ଉ କରି ୩ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତଙ୍କ ଠାରୁ ୩ ହଜାର ୮ଶହ ଟଙ୍କା ଜବତ ହୋଇଛି। ଗୁରୁବାର ରାତିରେ ପୁଲିସକୁ ସୂଚନା ମିଳିଥିଲା କି, ଯୋବ୍ରା ଲକ୍ଷ୍ମୀବଜାର ଛକ ପାଖରେ ଏକ ପରିତ୍ୟକ୍ତ ଘରେ କିଛି ଯୁବକ ଜୁଆ ଖେଳୁଛନ୍ତି। ଏହି ସୂଚନା ପାଇବା ପରେ ପିସିଆର ଟିମ ସେଠାରେ ଚଢ଼ଉ କରିଥିଲା। ତେବେ ପୁଲିସକୁ ଦେଖି ୨ ଜଣ ଯୁବକ ଖସିଯାଇଥିଲା ବେଳେ ଅନ୍ୟ ତିନି ଜଣ ଧରାପଡ଼ିଥିଲେ। ଏହି ଯୁବକଙ୍କୁ ପୁଲିସ ଗିରଫ କରିବା ସହିତ ଟଙ୍କା ଓ ତାସମୁଠା ଏବଂ ୩ଟି ମୋବାଇଲ ଜବତ କରିଥିଲା। ତିନି ଅଭିଯୁକ୍ତଙ୍କୁ ଥାନାକୁ ଆଣି ପୁଲିସ ଏକ ଜୁଆ ମାମଲାରେ ଗିରଫ ଦର୍ଶାଇଥିଲା। ପରେ ସିଆରପିସିର ୪୧ ଧାରା ଅନୁସାରେ ଅଭିଯୁକ୍ତଙ୍କୁ ନୋଟିସ ଦେଇ ପୁଲିସ ଛାଡି ଦେଇଥିବା ଥାନା ଅଧିକାରୀ ରଜନୀକାନ୍ତ ଦାସ ସୂଚନା ଦେଇଛନ୍ତି।

## ଚୌଦ୍ୱାର-କଟକ ବିଜେଡିର କେନ୍ଦ୍ରୀୟ କାର୍ଯ୍ୟାଳୟ ଉଦ୍‌ଘାଟିତ



**କଟକ, ୧୦।୫(ସମିସ):** ଆଗାମୀ ସାଧାରଣ ନିର୍ବାଚନ ଅବସରରେ ଚୌଦ୍ୱାର କଟକ ବିଜେଡି ଦଳର କେନ୍ଦ୍ରୀୟ କାର୍ଯ୍ୟାଳୟ ୪୭ନଂ ୱାର୍ଡ ମହାନଦୀବିହାର ସ୍ଥିତ ଜଷ୍ଟିସ ଛକ ଠାରେ ଉଦଘାଟିତ ହୋଇଯାଇଛି। ପୂର୍ବତନ ବିଧାୟକ ଡ. ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟାଳୟ ଉଦଘାଟନୀ ଉତ୍ସବକୁ କଟକ ଲୋକସଭା ବିଜେଡି ସାଂସଦ ପ୍ରାର୍ଥୀ ଡଃ ସନ୍ତୁପ୍ତ ମିଶ୍ର ଉଦଘାଟନ କରିଥିଲେ। ବିଜେଡି ବିଧାୟକ ପ୍ରାର୍ଥୀ ସୌଭିକ ବିଶ୍ୱାଳ ଯୋଗଦେଇ ଚୌଦ୍ୱାର କଟକ ନିର୍ବାଚନୀ ମଣ୍ଡଳିର ବିଜେଡି ଅଧୀନରେ ଥିବା ସମସ୍ତ କାର୍ଯ୍ୟାଳୟକୁ ଏଠାରୁ ପରିଚାଳନା କରାଯିବ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ନଗର କମିଟିର କାର୍ଯ୍ୟକାରୀ ସଭାପତି ଇଂ ସୁବ୍ରତ ଘଡାଇ ସ୍ୱାଗତ ଭାଷଣ ଦେଇଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ କର୍ପୋରେଟର ପ୍ରଜ୍ଞା ବେଉରା, ସୌଭାଗିନୀ ଜେନା, ପ୍ରମିଳା ମହାନ୍ତି, ଝିଲ୍ଲୀ ବିହାରୀ, ପଦ୍ମିନୀ ସାହୁ, ତାପସ ସାମନ୍ତରାୟ, ଯତୀନ ବେହେରା, ଅରବିନ୍ଦ ଜେନା, ୱାର୍ଡ ବିଜେଡି ସଭାପତି ଇଂ ରମେଶ ଚନ୍ଦ୍ର ରାଉତ, କଟକ ଜିଲ୍ଲା ବ୍ରାହ୍ମଣ ସମାଜର ସଭାପତି ପ୍ରମୋଦ ମିଶ୍ର, ଏମଡିଏ ସଭାପତି ରବୀନ୍ଦ୍ର ତ୍ରିପାଠୀ, ସମ୍ପାଦକ ହିମାଂଶୁ ଷଡଙ୍ଗୀ, ଦିଲ୍ଲୀପ ସାହୁ, ଶିବେନ୍ଦ୍ର ହାତୀ, ରାଜେନ୍ଦ୍ର ରଣା, ବିଷ୍ଣୁ ସାହୁ, ରଘୁନାଥ ରାମ, ଅକ୍ଷୟ ବେହୁରା, ଅକ୍ଷୟ ବେହେରା, ସଞ୍ଜୟ ଜେନା, କଟକ ଜିଲ୍ଲା ବିଜୁ ଯୁବ ସଭାପତି ସ୍ମୃତି ରଞ୍ଜନ ନାୟକ, ରାକେଶ ତ୍ରିପାଠୀ, ଅରୁଣ ରାଓ, ଚୌଦ୍ୱାର କଟକ ଯୁବ ସଭାପତି ଅଶୋକ ମିଶ୍ର, ଛାତ୍ର ସଭାପତି ଅଚ୍ୟୁତ ଘୋଷ, ବିଶ୍ୱଜିତ୍ ସାମଲ, ଇଂ ଆଶିଷ ସ୍ୱାଇଁ, ଅଜୟ ମହାନ୍ତି, ସତ୍ୟବ୍ରତ ପଟ୍ଟନାୟକ, ସମାଜସେବୀ ସଞ୍ଜୟ ଜେନାଙ୍କ ସମେତ ବହୁ ସଂଖ୍ୟାରେ ବିଜେଡି ଯୁବ, ଛାତ୍ର ମହିଳା କର୍ମକର୍ତ୍ତା ଉପସ୍ଥିତ ଥିବା ବେଳେ ନଗର କମିଟିର ସାଧାରଣ ସମ୍ପାଦକ ତାପସ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ୩୩ ନମ୍ବର ୱାର୍ଡରେ କଂଗ୍ରେସ ସମ୍ମିଳନୀ



**କଟକ, ୧୦।୫(ସମିସ):** ୱାର୍ଡ ନମ୍ବର-୩୩ କଂଗ୍ରେସ ସମ୍ମିଳନୀ ମୋହନ ମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବାରବାଟୀ-କଟକ ନିର୍ବାଚନ ମଣ୍ଡଳୀ କଂଗ୍ରେସ ବିଧାୟକ ପ୍ରାର୍ଥୀ ସୋଫିଆ ଫିର୍ଦୋଷ ଓ ବିଧାୟକ ମହମ୍ମଦମୋକିମଯୋଗଦେଇକଟକସହରରଉନ୍ନତିଏବଂବିକାଶଉପରେଗୁରୁତ୍ୱଦେଇଥିଲେ। ଏହି ଅବସରରେ ୱାର୍ଡ ଅଞ୍ଚଳର ବିଭିନ୍ନ ସାହି ମୁରବିଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଶେଷରେ ପୂର୍ବତନ ୱାର୍ଡ ସଭାପତି ରବୀନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ। ଏଥିରେ ନଗର କଂଗ୍ରେସ ପୂର୍ବତନ ସଭାପତି ଗିରିବାଳା ବେହେରା, ସ୍ନେହଲତା ଚୌଧୁରୀ, ସାହି ମୁରବି ନଗେନ୍ଦ୍ର ମହାନ୍ତି, ୱାର୍ଡ ସଂଯୋଜକ ଦିଲ୍ଲୀପ କୁମାର ମହାନ୍ତି, ଜୟଶ୍ରୀ ସାହୁ, ରୂପକ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ସିଏନ୍‌ବିଟିରେ ମାର୍‌ପିଟ୍; ଦୁଇ ଗିରଫ

**କଟକ, ୧୦।୫(ସମିସ):** କଟକ ନେତାଜୀ ବସ ଟର୍ମିନାଲ(ସିଏନବିଟି)ରେ ଦୁଇ ପୂର୍ବତନ ସୁରକ୍ଷାକର୍ମୀ ଆତଙ୍କ ଖେଳାଇଛନ୍ତି। ପୂର୍ବ ବିବାଦକୁ ନେଇ କାର୍ଯ୍ୟାଳୟ ଭିତରେ ପଶି କାର୍ଯ୍ୟରତ ସୁପରଭାଇଜରଙ୍କୁ ମାଡ ମାରିଛନ୍ତି। ତାଙ୍କୁ ଉଦ୍ଧାର ପାଇଁ ଯାଇଥିବା ଦୁଇ ପୁଲିସ କର୍ମଚାରୀ ମଧ୍ୟ ଆକ୍ରମଣର ଶିକାର ହୋଇଛନ୍ତି। ଏହି ଘଟଣାରେ ବାଦାମବାଡି ଥାନା ପୁଲିସ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତ ଦ୍ୱୟ ହେଲେ ସାଲେପୁର ଥାନା ପାଟପୁରର ଅରୁଣ କୁମାର ମଙ୍ଗରାଜ ଓ ରାଜାବଗିଚା ସର୍ବୋଦୟପୁରର କାଳନ୍ଦୀ ନାୟକ।

ପୁଲିସର ସୂଚନା ମୁତାବକ, କାଳିଆ ଓ ଅରୁଣ ପୂର୍ବରୁ ସିଏନବିଟିରେ ସୁରକ୍ଷା କର୍ମଚାରୀ ଭାବେ କାର୍ଯ୍ୟ କରୁଥିଲେ। ହେଲେ ପ୍ରତିଦିନ କିଛି ନା କିଛି ଘଟଣାକୁ ନେଇ ଉଭୟଙ୍କ ନାଁରେ ଅଭିଯୋଗ ହେଉଥିଲା। ହେଲେ ଉଭୟ ଧମକଚମକ ଦେଉଥିବାରୁ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହୋଇ ପାରୁନଥିଲା। କିଛି ଦିନ ପୂର୍ବେ ନୂତନ ସିକ୍ୟୁରିଟି ସୁପରଭାଇଜର ଭାବେ ବେଣୁଧର ପଣ୍ଡା ଯୋଗ ଦେଇଥିଲେ। ତାଙ୍କ ନିକଟରେ ମଧ୍ୟ କର୍ତ୍ତବ୍ୟରେ ଅବହେଳା ନେଇ ବାରମ୍ବାର ଅଭିଯୋଗ ପହଞ୍ଚିବାରୁ ସେ କାଳିଆ ଓ ଅରୁଣଙ୍କୁ ଚାକିରିରୁ ବାହାର କରି ଦେଇଥିଲେ। ଏପରିକି କାଳିଆ ଏବଂ ଅରୁଣ ବିଭିନ୍ନ ସମୟରେ ନିଶାସକ୍ତ ଅବସ୍ଥାରେ କାର୍ଯ୍ୟ କରୁଥିବାରୁ ତାଙ୍କୁ ଚାକିରିରୁ ବିଦା କରାଯାଇଥିଲା। ଏଥିରେ ପ୍ରତିଶୋଧ ପରାୟଣ ହୋଇ ଉଭୟ ବେଣୁଧରଙ୍କୁ ଧମକ ଦେଇଥିଲେ। ଗୁରୁବାର ରାତି ପ୍ରାୟ ୧୦ଟା ହେବ। କାଳିଆ ଓ ଅରୁଣ ମଦ୍ୟପାନ କରି ସିଏନବିଟି ପରିସରସ୍ଥ ବେଣୁଧରଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସେମାନେ ଭିତରକୁ ପଶିଯାଇ ବେଣୁଧରଙ୍କୁ ବାହାରକୁ ଟାଣି ଆଣିବା ସହିତ ତଳେ ପକାଇ ମାଡ ମାରିଥିଲେ। ଏହି ଖବର ପାଇବା ମାତ୍ରେ ପାଟ୍ରୋଲିଂରେ ଥିବା ବାଦାମବାଡି ଥାନାର କନଷ୍ଟେବଲ କୃଷ୍ଣଚନ୍ଦ୍ର ପଣ୍ଡା ଓ ଅନ୍ୟ ଜଣେ ହୋମଗାର୍ଡ ସେଠାରେ ପହଞ୍ଚିଥିଲେ। ମାରପିଟ ଦେଖି କନଷ୍ଟେବଲ କୃଷ୍ଣଚନ୍ଦ୍ର ଓ ହୋମଗାର୍ଡ ଜଣକ ଉଭୟଙ୍କୁ ଅଟକାଇବାକୁ ଉଦ୍ୟମ କରିଥିଲେ। ମାତ୍ର ଉଭୟ ପୁଲିସ ଉପରକୁ ହାତ ଉଠାଇବାକୁ ମଧ୍ୟ ପଛାଇ ନଥିଲେ। ସୁପରଭାଇଜର ଏବଂ ପୁଲିସ କର୍ମଚାରୀ ଆହତ ହୋଇଥିବା ବେଳେ ଏ ନେଇ ବାଦାମବାଡି ଥାନାରେ ଏକ ମାମଲା ରୁଜୁ କରାଯାଇଥିଲା।

## ଶ୍ରୀଜଗନ୍ନାଥ ଚେତନାରେ ବୈବାହିକ ନିର୍ବନ୍ଧ

**କଟକ, ୧୦।୫(ସମିସ):** ଜନ୍ମରୁ ଜଗନ୍ନାଥ ଆମ ଜୀବନ ସହିତ ଯୋଡି ହୋଇ ଅଛନ୍ତି ଏହି କଥାକୁ ଭଲଭାବରେ ଉତ୍କଳୀୟମାନେ ଜାଣିଛନ୍ତି। ଜଗନ୍ନାଥଙ୍କ ଚେତନାର ପ୍ରଚାର ପ୍ରସାର ଘରେ ଘରେ ପହଞ୍ଚାଇବା ପାଇଁ ଏକ ଅନୁଷ୍ଠାନ ସଂକଳ୍ପ ନେଇଛି ତାହା ହେଉଛି ଶ୍ରୀ ଜଗନ୍ନାଥ ଚେତନା, ଆନ୍ତର୍ଜାତୀୟ ଚାରଣ ଗୋଷ୍ଠୀ। ତେଲେଙ୍ଗା ବଜାର ରଘୁନାଥଜୀଉ ମନ୍ଦିର ପ୍ରାଙ୍ଗଣରେ କଟକ ମଣ୍ଡଳ ପିଠାପୁର ଚାରଣ ଶାଖାର ସଦସ୍ୟ ଆଲୋକ ମିଶ୍ର ଓ ନମିତା ମିଶ୍ରଙ୍କ କନ୍ୟାର ବୈବାହିକ ନିର୍ବନ୍ଧ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ଅବସରରେ ପ୍ରଥମେ ଚାରଣମାନେ ବିଷ୍ଣୁ ସହସ୍ରନାମ, ପଞ୍ଚଦଶ ଅଧ୍ୟାୟ ଶ୍ରୀମଦ୍‌ଭଗବଦ୍ ଗୀତା ଓ ହନୁମାନ ଚାଳିଶା ପାଠ କରି ନିର୍ବନ୍ଧ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥଲେ। ଶ୍ରୀ ରଘୁନାଥଜୀଉଙ୍କ ସମ୍ମୁଖରେ ଏହି ଭବ୍ୟ ସ୍ୱାଧ୍ୟାୟ ସହିତ ନୀଳଚକ୍ର ବାନା ଉଭୟ ଭାବି ବରପୁତ୍ର ଏବଂ ଭାବି କନ୍ୟାଙ୍କୁ ଅର୍ପଣକରି ମହାପ୍ରଭୁଙ୍କ ଆଶୀର୍ବାଦ ଭିକ୍ଷା କରିବା ସହିତ ସେମାନଙ୍କ ଦୀର୍ଘ ଆୟୁ ଓ ବୈବାହିକ ଜୀବନ ସୁଖମୟ ପାଇଁ ପ୍ରାର୍ଥନା କରିଥିଲେ। ସମସ୍ତ ଚାରଣମାନେ ସେମାନଙ୍କୁ ଚାରଣୀୟ ସାଧନାରେ ରହି ଆଧ୍ୟାତ୍ମିକ ମାର୍ଗରେ ବ୍ରତୀ ହେବା ପାଇଁ ନିବେଦନ କରିଥିଲେ। ଶ୍ରୀଜଗନ୍ନାଥ ଚେତନା ଆନ୍ତର୍ଜାତୀୟ ଚାରଣ ଗୋଷ୍ଠୀ



ପୁରୀର ସମ୍ପାଦକ ଡଃ ଶୁଭେନ୍ଦୁ ସ୍ୱାଇଁ, କଟକ ଜିଲ୍ଲା ସଂଗଠକ ଲିଙ୍ଗରାଜ ପତି, ମଣ୍ଡଳ ସଂଗଠକ ତରଣୀସେନ ଲେଙ୍କା, ମୋହନ କୁମାର ସ୍ୱାଇଁ ଓ ପ୍ରକାଶ ପାଣି ଉପସ୍ଥିତ ଥିବା ସମୟରେ ପିଠାପୁର ଶାଖା ଦଳପତି ମନୋଜ ନାୟକ, ପ୍ରଦୀପ୍ତ ମହାନ୍ତି, ଶିବପ୍ରସାଦ ନାୟକ, ଆଇନଜୀବୀ ବାମଦେବ ବରାଳ, ମହିମା ନଗର ଶାଖାର ଦଳପତି ତପନ କୁମାର ସାହୁ, ଅବିନାଶ ରାଉତ ଆଦି ଉପସ୍ଥିତ ଥିଲେ। ବ୍ରାହ୍ମଣମାନେ ରୀତିନୀତି ଅନୁସାରେ ପୂଜାପାଠ କରି ନିର୍ବନ୍ଧ କାର୍ଯ୍ୟ ସମ୍ପାଦିତ କରିଥିଲେ।

### ‘ଗଛକଟା ବନ୍ଦ କରାଯାଉ’

## ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ୨୦ବରିଷ୍ଠ ଶିକ୍ଷାବିତ୍

**କଟକ, ୧୦।୫(ସମିସ):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କଙ୍କ ରାଜ୍ୟର ୨୦ଜଣ ବରିଷ୍ଠ ଶିକ୍ଷାବିତ୍ ଏକ ଚିଠି ଲେଖି ରାଜ୍ୟରେ ଚାଲିଥିବା ଗଛକଟା ବନ୍ଦ କରିବା ପାଇଁ ନିର୍ଦ୍ଦେଶ ଦେବାକୁ ନିବେଦନ କରିଛନ୍ତି। ଗତ କିଛିଦିନ ଧରି ସାରା ରାଜ୍ୟରେ ପ୍ରବଳ ଗ୍ରୀଷ୍ମପ୍ରବାହ ଅନୁଭୂତ ହେଉଛି। ଦ୍ୱୈତନଗରୀ କଟକ ଓ ଭୁବନେଶ୍ୱର ସମେତ ସାରା ରାଜ୍ୟରେ ଅବାଧ ଗଛକଟା ପରିସ୍ଥିତିକୁ ଜଟିଳ କରିଦେଇଛି। କଟକ ସହରକୁ ଘେରି ରହିଥିବା ମହାନଦୀ ଓ କାଠଯୋଡ଼ି କୂଳରୁ ଗଛକଟା ଅଭିଯାନ ଚାଲିଛି। ଖାନ୍‌ନଗର ପାଖ କାଠଯୋଡ଼ି କୂଳରେ ଓ ମଧୁସୂଦନ ସେତୁ ପାଖ ମହାନଦୀ କୂଳରେ ୫୦ରୁ ୧୦୦ ବର୍ଷର ପୁରୁଣା ଗଛସବୁ ଆଉ ନାହିଁ ବୋଲି ସେମାନେ ଉକ୍ତ ଚିଠିରେ ଲେଖିଛନ୍ତି। ନୂତନ ରାସ୍ତା ନିର୍ମାଣ ପାଇଁ ଗଛ ନକାଟି ଏକାଧିକ ବିକଳ୍ପ ପନ୍ଥା ରହିଛି। ଉନ୍ନତ ଦେଶଗୁଡ଼ିକରେଏହିସବୁ ବିକଳ୍ପ ପନ୍ଥା ଅବଲମ୍ବନ କରାଯାଉଛି। ଏହି ପରିପ୍ରେକ୍ଷୀରେ ଶିକ୍ଷାବିତ୍‌ମାନେ ଗଛକଟା ବନ୍ଦ କରିବା ପାଇଁ ନିର୍ଦ୍ଦେଶ ଦେବାକୁ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି। ପ୍ରଫେସର ଅନନ୍ତ ଚରଣ ସାହୁ, ଗୋରାଚାନ୍ଦ ପଟ୍ଟନାୟକ, ଜ୍ଞାନେନ୍ଦ୍ର କୁମାର ଶର୍ମା, ତୁଷାରକାନ୍ତ ପଟ୍ଟନାୟକ, ଦିନେଶ ପ୍ରସାଦ ପଟ୍ଟନାୟକ, ଦେବପ୍ରସାଦ ନନ୍ଦ, ନାରାୟଣ ମହାନ୍ତି, ପ୍ରଭାତ କୁମାର ମିଶ୍ର, ପ୍ରେମାନନ୍ଦ ମିଶ୍ର, ବାସନ୍ତୀ ରାୟ, ବିଚିତ୍ରାନନ୍ଦ ବଳ, ବିମଳ ପ୍ରସାଦ ନନ୍ଦ, ବିଷ୍ଣୁ ଚରଣ ସାହୁ, ଶଚୀନ୍ଦ୍ର ରାଉଳ, ସରୋଜ କୁମାର ସିଂହ, ସୁବାସିନୀ ଲେଙ୍କା, ସୁରେନ୍ଦ୍ର ମୋହନ ପାଣି, ସେଖ ଇକ୍‌ବାଲ ହୁସେନ, ହରିହର ମିଶ୍ର ଓ ହେମେନ୍ଦ୍ର ନାରାୟଣ ଦାସ ପ୍ରମୁଖଙ୍କ ପକ୍ଷରୁ ଏହି ପତ୍ର ଦିଆଯାଇଛି।

## ଚା’ ଖଟିରେ କଂଗ୍ରେସ ପ୍ରାର୍ଥୀ ମିରା ମଲ୍ଲିକ

**କଟକ, ୧୦।୫(ସମିସ):** ଯୋବ୍ରା କେନାଲ ଛକ ନିକଟବର୍ତ୍ତୀ ଏକ ଚା ଖଟିରେ ଆଜି ଚୌଦ୍ୱାର -କଟକ ନିର୍ବାଚନ ମଣ୍ଡଳୀର କଂଗ୍ରେସ ପ୍ରାର୍ଥୀ ମିରା ମଲ୍ଲିକ୍ ଓ କଟକ ଲୋକସଭାର ସାଂସଦ ପ୍ରାର୍ଥୀ ସୁରେଶ୍ ମହାପାତ୍ର ଉପସ୍ଥିତ ଥିଲେ। ଉପସ୍ଥିତ ଜନସାଧାରଣଙ୍କୁ ଚୌଦ୍ୱାର -କଟକ ନିର୍ବାଚନ ମଣ୍ଡଳୀର ବିକାଶ ଓ ଜନସାଧାରଣଙ୍କର ମୌଳିକ ସମସ୍ୟାର ସମାଧାନ ପାଇଁ କଂଗ୍ରେସକୁ ବିଜୟୀ କରାଇବା ପାଇଁ ନିବେଦନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ରବୀନ୍ଦ୍ର କୁମାର ମଲ୍ଲିକ, ବରିଷ୍ଠ କଂଗ୍ରେସ ନେତା ବିଶ୍ୱଜିତ ଦାସ, ନିକୁଞ୍ଜ ପଶାୟତ, ତ୍ରିଲୋଚନ ମହାନ୍ତି, କର୍ପୋରେଟର ସ୍ୱର୍ଣ୍ଣପ୍ରଭା ପଶାୟତ, ଗାୟତ୍ରୀ ମଲ୍ଲ, ସୁବାସିଷ ମଙ୍ଗଳ, ଗୋକୁଳ ସିହ୍ନା, ବିଷ୍ଣୁଚରଣ ମଲ୍ଲ, ଉତ୍କଳ ରାଉତରାୟ, ଲୋକନାଥ ବେହେରା, ବଦ୍ରିନାରାୟଣ ପାତ୍ର, ପ୍ରମୋଦ ପାତ୍ର ଓ ସେକବୁରାନି ପ୍ରମୁଖ ଉପସ୍ଥିତ ଥିଲେ।



### ପ୍ରାର୍ଥୀ ଓ ପ୍ରତିନିଧିଙ୍କ ସହ ନିର୍ବାଚନ ପର୍ଯ୍ୟବେକ୍ଷକଙ୍କ ବୈଠକ

# ସୋସିଆଲ ମିଡିଆରେ ପ୍ରଚାର ପାଇଁ ଏମସିଏମସିର ଅନୁମତି ନେବା ଉପରେ ଗୁରୁତ୍ୱ

**କଟକ, ୧୦।୫(ସମିସ)**



ପ୍ରାର୍ଥୀ ମାନଙ୍କୁ ସି-ଭିଜିଲ ଆପର ବ୍ୟବହାର କରିବା ପରେ ଗୁରୁତ୍ୱାରୋପ କରିଛନ୍ତି ନିର୍ବାଚନ ପର୍ଯ୍ୟବେକ୍ଷକ। ଏଥି ସହ ସୋସିଆଲ ମିଡିଆ ପ୍ରଚାର ନିମନ୍ତେ ଏମସିଏମସି (ମିଡିଆ ସାର୍ଟିଫିକେସନ ଆଣ୍ଡ ମନିଟରିଂ କମିଟି)ର ଅନୁମତି ନେବାକୁ କୁହଯାଇଛି। ସେହିପରି ପ୍ରଚାରରେ ବ୍ୟବହୃତ ପୋଷ୍ଟର, ପାମ୍ପଲେଟ ଆଦିରେ ପ୍ରକାଶକ/ମୁଦ୍ରକଙ୍କ ନାମ ନିଶ୍ଚିନ୍ତ ଉଲ୍ଲେଖ କରାଯିବା ଉପରେ ଅବଗତ କରାଯାଇଛି। ଏକକାଳୀନ ସାଧାରଣ ନିର୍ବାଚନ-୨୦୨୪ ନିମନ୍ତେ ଜିଲ୍ଲାକୁ ଆସିଥିବା ସମସ୍ତ ନିର୍ବାଚନ ପର୍ଯ୍ୟବେକ୍ଷକ ଆଜି ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାର ବିଭିନ୍ନ ନିର୍ବାଚନ ମଣ୍ଡଳୀରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀ ଏବଂ ତାଙ୍କ ପ୍ରତିନିଧୀମାନଙ୍କ ସହ ଏକ ବୈଠକ କରିଥିଲେ। ବୈଠକ ପ୍ରାରମ୍ଭରେ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଅରିନ୍ଦମ ଡାକୁଆ ନିମନ୍ତ୍ରିତ ପ୍ରତିନିଧୀମାନଙ୍କର ପର୍ଯ୍ୟବେକ୍ଷକ ମାନଙ୍କ ସହ ପରିଚୟ କରାଇଥିଲେ। ପ୍ରାର୍ଥୀମାନେ ନିଜ ନିଜ ନିର୍ବାଚନ ମଣ୍ଡଳୀର ଚିନ୍ତାଜନକ ବୁଥ ଅଞ୍ଚଳ ବିଷୟରେ ରିଟର୍ଣ୍ଣିଂ ଅଧିକାରୀଙ୍କୁ ତୁରନ୍ତ ଜଣାଇବା ନିମନ୍ତେ ସାଧାରଣ ପର୍ଯ୍ୟବେକ୍ଷକ ବରିଷ୍ଠ ଭାରତୀୟ ପ୍ରଶାସନିକ ଅଧିକାରୀ ଉମାଶଙ୍କର ସିଂହ ପରାମର୍ଶ ଦେଇଥିଲେ। ଖର୍ଚ୍ଚ ପର୍ଯ୍ୟବେକ୍ଷକ ଆଇଆରଏସ ଅଧିକାରୀ ପିୟୁଷ ବାରାସୁ ବାଧେ ଓ ସୁପ୍ରିୟା ସୁରେନ୍ଦ୍ରନାଥ ଘାଗ୍ ପ୍ରାର୍ଥୀ ପତ୍ର ଦାଖଲ ପୂର୍ବରୁ ନିର୍ବାଚନ ନିମନ୍ତେ କରିଥିବା ଖର୍ଚ୍ଚ ମଧ୍ୟ ନିଜ ଖର୍ଚ୍ଚ ତାଲିକାରେ ଯୋଗ କରିବା ନିମନ୍ତେ କହିଥିଲେ। ପୁଲିସ ପର୍ଯ୍ୟବେକ୍ଷକ ବରିଷ୍ଠ ଆଇପିଏସ ଅଧିକାରୀ ଆର. ଶିବ କୁମାର ସଭା/ଶୋଭାଯାତ୍ରା ନିମନ୍ତେ ଆବଶ୍ୟକୀୟ ଅନୁମତି ପତ୍ର ନେବାକୁ ସେ ମଧ୍ୟ ପରାମର୍ଶ ଦେଇଥିଲେ। ବରିଷ୍ଠ ଆଇଏଏସ ଅଧିକାରୀ ସାଧାରଣ ପର୍ଯ୍ୟବେକ୍ଷକ ଗୁରାଲା ଶ୍ରୀନିବାସୁଲୁ ପ୍ରାର୍ଥୀମାନଙ୍କୁ ପ୍ରଚାର ସକ୍ରାନ୍ତ ଅନୁମତି ଉପରେ କହିଥିଲେ। ପ୍ରାର୍ଥୀମାନଙ୍କର ଖର୍ଚ୍ଚର ହିସାବ ଚଳିତ ମାସ ୧୧ତାରିଖ, ୧୬ତାରିଖ ଏବଂ ୨୨ତାରିଖରେ ପର୍ଯ୍ୟବେକ୍ଷକମାନେ ତଦାରଖ କରିବା ପାଇଁ ସ୍ଥିରୀକୃତ ହୋଇଛି। ବୈଠକରେ ଡିସିପି ପ୍ରକାଶ ଆର, ଏସପି ଏଲ. ଦିବ୍ୟା, ଅତିରିକ୍ତ ଜିଲ୍ଲାପାଳ ଶିବ ଟପୋ, ମୁଖ୍ୟ ଉନ୍ନୟନ ଅଧିକାରୀ ସୁବାସ ଚନ୍ଦ୍ର ରାୟ, ସଦର ଉପଜିଲ୍ଲାପାଳ ଜ୍ୟୋତିଶଙ୍କର ରାୟ ପ୍ରମୁଖ ଉପସ୍ଥିତ ଥିଲେ।

ସକାଳ THE SAKALA



www.sakalaepaper.com

## ପଙ୍କାଳ ଛକ ବୋମାମାଡ଼ ଘଟଣା

# ମୁଖ୍ୟ ଅଭିଯୁକ୍ତ ଓ ସହଯୋଗୀ ଗିରଫ

ତିଗିରିଆ, ୧୦।୫(ସମିସ)



ଗତ ଅପ୍ରେଲ ମାସ ୨୧ ତାରିଖ ପୂର୍ବାହ୍ନ ୧୧ଟା ସମୟରେ ତିଗିରିଆ ଥାନା ଅନ୍ତର୍ଗତ ପଙ୍କାଳ ଛକ ନିକଟସ୍ଥ ମା କଳାପାଟ ଢାବା ନିକଟରେ ପୂର୍ବଶତ୍ରୁତାକୁ କେନ୍ଦ୍ର କରି ସଂଗଠିତ ବୋମାମାଡ ଘଟଣାରେ ତିଗିରିଆ ପୁଲିସ ପକ୍ଷରୁ ଗୁରୁବାର ବିଳମ୍ବିତ ରାତିରେ ଚଢଉ କରାଯାଇ ବୋମାମାଡ ତଥା ସାଧାରଣରେ ଆତଙ୍କ ସୃଷ୍ଟି କରିବାକୁ ଉଦ୍ୟମ କରିଥିବା ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରାଯାଇଛି। ଗିରଫ ୨ ଅଭିଯୁକ୍ତ ହେଲେ ତିଗିରିଆ ଥାନା ଅନ୍ତର୍ଗତ ବନମାଳିପୁର ଗ୍ରାମର ମହେନ୍ଦ୍ର କୁମାର ଜେନା ଓରଫ ସାରୁଆ (୩୦) ଓ ବାଙ୍କିଥାନା ଅନ୍ତର୍ଗତ ସହଙ୍ଗା ଗୋପାଳପୁର ଗ୍ରାମର ସଞ୍ଜୟ କୁମାର ସିଠ ଓରଫ ଦିଲ୍ଲୀପ (୪୦)। ଘଟଣା ଦିନ ଠାରୁ ଉଭୟ ଅଭିଯୁକ୍ତ ପୁଲିସକୁ ଚକ୍‌ମା ଦେଖେଇ ଫେରାର ଥିଲେ ବୋଲି ତିଗିରିଆ ଥନା ପକ୍ଷରୁ ସୂଚନା ମିଳିଛି। ଗୁରୁବାର ବିଳମ୍ବିତ ସନ୍ଧ୍ୟାରେ ଉଭୟ ଅଭିଯୁକ୍ତ ତିଗିରିଆ ଥାନା ଅଧୀନ ନିଜିଗଡ଼-ପୁରୁଣା ତିଗିରିଆ ରାସ୍ତାରେ ଥିବା ଶଙ୍କର୍ଷଣ ମହାଦେବ ମନ୍ଦିର ନିକଟରେ ବୁଲୁଥିବାର ଖବର ପାଇ ତିଗିରିଆ ଥାନା ଅଧିକାରୀ ଜ୍ଞାନରଞ୍ଜନ ସାମଲ ସଦଳବଳେ ଚଢଉ କରି ଏହି ଦୁଇ ଜଣଙ୍କୁ ଗିରଫ କରିବାରେ ସକ୍ଷମ ହୋଇଥିଲେ। ସୂଚନା ମୁତାବକ ୨୧ ତାରିଖ ପୂର୍ବାହ୍ନ ୧୧ଟା ସମୟରେ ତିଗିରିଆ ଥାନା ଅନ୍ତର୍ଗତ ବେଲଅଣ୍ଟା ଗ୍ରାମର ଭାବ ପଣ୍ଡା ନାମକ ଜୈନିକ ଯୁବକକୁ ସେହି ଅଞ୍ଚଳର ବସିର ଖାଁ, ଅରୁଣ ନାୟକ, ଅକ୍ଷୟ ନାୟକଙ୍କ ସମେତ ୬ରୁ ଉର୍ଦ୍ଧ୍ୱ ବ୍ୟକ୍ତି ମୋବାଇଲ ଯୋଗେ କଲ କରି ପଙ୍କାଳ ଛକ ନିକଟକୁ ଡାକି ପରେ ନିକଟସ୍ଥ କଳାପାଟ ଢାବା ନିକଟରେ କଥା ହେବାକୁ ଡାକି ନେଇଥିଲେ। କଥାବାର୍ତ୍ତା ସମୟରେ କୌଣସି କାରଣରୁ ଉଭୟ ଗୋଷ୍ଠୀଙ୍କ ମଧ୍ୟରେ ପ୍ରଥମେ ଉଚ୍ଚବାଚ ହେବା ପରେ ଉଭୟ ଗୋଷ୍ଠୀ ପରସ୍ପରକୁ ବିଭିନ୍ନ ମାରଣାସ୍ତ୍ର ଦେଖାଇ ଭୟଭୀତ କରିବା ସହ ବୋମାମାଡ କରିଥିଲେ। ଏଥିରେ ବୋମାମାଡ ଯୋଗୁଁ କାହାର କିଛି କ୍ଷତି ହୋଇ ନ ଥିଲେ ହେଁ ଭାବ ପଣ୍ଡା ଓ ଟୁକୁନା ଆସିଥିବା ଏକ ମାରୁତି ଗାଡି ନଂ ଓଆର ୦୨ ବିଡି ୯୨୯୨ର ସମ୍ମୁଖ କାଚ ଭାଙ୍ଗିଥିଲା।

ସୂଚନା ପାଇ ତିଗିରିଆ ଥାନା ଅଧିକାରୀଙ୍କ ସମେତ ଆଠଗଡ଼ ଡିଏସପି ଓ ଫରେନସିକ ଟିମ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ଘଟଣାକୁ ଆୟତକୁ ଆଣିଥିଲେ ହେଁ ଏଥିନେଇ କାହାରିକୁ ଗିରଫ କରାଯାଇ ପାରି ନ ଥିଲା। ଏଥିନେଇ ତିଗିରିଆ ଥାନା କେଶ୍ ନଂ୧୦୪/୨୪ ରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତମାନଙ୍କୁ ଖୋଜା ଚାଲିଥିଲା। ଗୁରୁବାର ସଧାରେ ବୋମାମାଡ ସହ ସମ୍ପୃକ୍ତ ମହେନ୍ଦ୍ର କୁମାର ଜେନା ଓ ସଞ୍ଜୟ କୁମାର ସେଠ ତିଗିରିଆ ଶଙ୍କର୍ଷଣମନ୍ଦିରନିକଟରେବୁଲୁଥିବାରବିଶ୍ୱସ୍ତସୂତ୍ରରୁଖବର ପାଇ ତିଗିରିଆ ଥାନା ଅଧିକାରୀ ଶ୍ରୀ ସାମଲ ଚଢଉ କରି ଉଭୟ ଅଭିଯୁକ୍ତଙ୍କୁ ଗିରଫ କରିବାର ସକ୍ଷମ ହୋଇଛନ୍ତି।

# ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ଉଦ୍‌ଯାପିତ



ଫୁଲନଖରା, ୧୦।୫(ସମିସ)

ଫୁଲନଖରା ନିକଟସ୍ଥ ଶ୍ରୀ ଶ୍ରୀ ଲକ୍ଷେଶ୍ୱର ମହାଦେବଙ୍କ ପୀଠରେ କବିକୂଳ କମଳ ପ୍ରଭାକର ଗୋସ୍ୱାମୀ ତୁଳସୀ ଦାସକୃତ ଶ୍ରୀରାମ ଚରିତ ମାନସ ପାରାୟଣ ଉଦ୍‌ଯାପିତ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଯାପନୀ ଦିବସରେ ଯଜ୍ଞର ପୂର୍ଣ୍ଣାହୂତୀ ଓ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଉପଦେଷ୍ଟା ମଣ୍ଡଳୀର ସଦସ୍ୟ କାନନ ବିହାରୀ ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉକ୍ତ ସଭାରେ ସଦର ବିଧାୟକ ଚନ୍ଦ୍ର ସାରଥି ବେହେରା ମୁଖ୍ୟ ଅତିଥି ଭାବରେ ଯୋଗଦେଇ ବିଭିନ୍ନ ଗ୍ରାମର ରାମଲୀଳା ସମିତିର ସଭାପତି ଓ ସମ୍ପାଦକ ମାନଙ୍କୁ ମାନପତ୍ର ଓ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ସମ୍ମାନିତ ଅତିଥି ଭାବରେ କଟକ ସଦର ବିଜେଡି ସଭାପତି ପ୍ରମୋଦ ମହାପାତ୍ର, ସମାଜସେବୀ ଟିଟନ ସାହୁ, ଟୁନା ଜେନା, ଶିଶିଭୂଷଣ ମହାନ୍ତି, ପ୍ରଶାନ୍ତ ମହାନ୍ତି ଓ ୫୯ନଂ ୱାର୍ଡ ସଭାପତି ଜ୍ଞାନରଞ୍ଜନ ସାହୁ ପ୍ରମୁଖ ଯୋଗଦେଇଥିଲେ। ଶ୍ରୀଲକ୍ଷେଶ୍ୱର ରାମଲୀଳା ସମିତିର ସମସ୍ତ କଳାକାରମାନଙ୍କୁ ମୁଖ୍ୟଅତିଥି ପ୍ରଶଂସାପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। ମନ୍ଦିର ପରିଚାଳନା କମିଟିର ସଭାପତି ଶିକ୍ଷାବିତ୍ ଗୁଣନିଧି ପଟ୍ଟନାୟକ ଓ ଟ୍ରଷ୍ଟି ବଂଶୀଧର ଭୋଳ ମନ୍ଦିରର ବିଭିନ୍ନ ସମସ୍ୟା ଉପରେ ଗୁରୁତ୍ୱାରୋପ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପଦେଷ୍ଟା ମଣ୍ଡଳୀର ସଦସ୍ୟ କିଶୋର ପଟ୍ଟନାୟକ, କିଶୋର ଚନ୍ଦ୍ର ବରାଳ, ସୁଧିର ପଟ୍ଟନାୟକ, ବଲ୍ଲଭ କୁମାର ଜେନା, ଅନିଲ ମହାନ୍ତି, ସଚିତ୍ର କୁମାର ସାହୁ, ନରେଶ ମହାନ୍ତି, ପ୍ରସନ୍ନ ମହାନ୍ତି, ସୁକାନ୍ତ ପଟ୍ଟନାୟକ, ସୁଧାଂଶୁ ଶେଖର ପଟ୍ଟନାକୟ, ବଳରାମ ସାହୁ, ଧରଣୀଧର ରଣା, ରଣଜିତ୍ ପଟ୍ଟନାୟକ, ଅଶୋକ ବରାଳ, ପ୍ରିୟ ରଞ୍ଜନ ବେହେରା, ସିଦ୍ଧାର୍ଥ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ସୁଶୀଲ ମହାନ୍ତି ଧନ୍ୟବାଦ ଦେଇଥିଲେ। ସମ୍ବର୍ଦ୍ଧନା ପର୍ବ ପରେ ରାମଲୀଳା ସମିତି, ନୂଆ କାଚରାମାଳର କଳାକାରଙ୍କ ଦ୍ୱାରା ଲିଳାଭିନୟ ରାବଣ ବଧ ମଞ୍ଚସ୍ଥ ହୋଇଥିଲା। ସମସ୍ତ କଳାକାରଙ୍କର ଉଚ୍ଚକୋଟୀର ଅଭିନୟ ସମସ୍ତ ଦର୍ଶକଙ୍କୁ ବିମୁଗ୍ଧ କରିଥିଲା।

## ଶ୍ରୀରାମଲୀଳା ମହୋତ୍ସବ ଉଦ୍‌ଯାପିତ

**ଟାଙ୍ଗୀ, ୧୦।୫(ସମିସ):** ଟାଙ୍ଗୀ-ଚୌଦ୍ୱାର ବ୍ଲକ ମୁଖ୍ୟାଳୟ କୋଟସାହି ପଞ୍ଚାୟତ ଟାଙ୍ଗୀ ଗୋରୁହାଟ ପଡ଼ିଆରେ ଆୟୋଜିତ ତ୍ରୟଦିବସୀୟ ଶ୍ରୀରାମଲୀଳା ମହୋତ୍ସବ ଗୁରୁବାର ଉଦଯାପିତ ହୋଇଯାଇଛି। ମୁଖ୍ୟଅତିଥିଭାବେ ଉଦ୍ୟୋଗପତି ସୁରେନ୍ଦ୍ର ନାଥ ପଣ୍ଡା ଯୋଗଦେଇ କଳାକାରଙ୍କୁ ଉତ୍ସାହିତ କରିବା ସହ ସମ୍ବର୍ଦ୍ଧିତ କରିଥିଲେ। ସମ୍ମାନୀତ ଅତିଥିଭାବେ କିନ୍ନର ସଂଘ ସଭାନେତ୍ରୀ ତନୁଶ୍ରୀ, ସାମାଜିକ କର୍ମୀ ଦୁଃଖେନ୍ଦ୍ର ସାହୁ, ଆଞ୍ଚଳିକ ରାମଲୀଳା ସମିତିର କାର୍ଯ୍ୟକାରୀ ସଭାପତି ସୁରେଶ ଚନ୍ଦ୍ର ମହାନ୍ତି, ସମର୍ପଣ ପରିବାର ପକ୍ଷରୁ ନିତ୍ୟାନନ୍ଦ ମହାରଣା, ବିଜୟ ପଣ୍ଡା, ଯୁବ ନାଟ୍ୟ ନିର୍ଦ୍ଦେଶକ ବିଶ୍ୱଜିତ ପଟେଲ ଓ ସାମ୍ବାଦିକ ଡମ୍ବରୁଧର ବେହେରା ଯୋଗଦେଇଥିଲେ। ଏହି ଅବସରରେ ସମର୍ପଣ ପରିବାର ପକ୍ଷରୁ ରାମଲୀଳା କଳାକାର ଦୀପକ କୁମାର ସାହୁ ଓ ପ୍ରଭାକର ନାୟକଙ୍କୁ ମାନପତ୍ର ସହ ସମ୍ମାନୀତ କରାଯାଇଥିଲା। କଳାକାର ମନୋଜ ବାରିକ ମଞ୍ଚ ପରିଚାଳନା କରିଥିବାବେଳେ ସ୍ୱର୍ଣ୍ଣପଦକପ୍ରାପ୍ତ ନାଟ୍ୟଗୁରୁ ମାରୁତିଶ୍ରୀ ରଣଜିତ ପ୍ରସାଦ ଜେନା ଧନ୍ୟବାଦ ଦେଇଥିଲେ। ଟାଙ୍ଗୀସ୍ଥିତ ମା' ହାଟେଶ୍ୱରୀ ଶ୍ରୀରାମଲୀଳା କଳା ପରିଷଦ ଆୟୋଜକ ଓ କଟକ ସଦର ପୋପରଡ଼ା ଅଞ୍ଚଳର ମା' ଜାଗୁଳାଇ ରାମଲୀଳା ସମିତି ସହଯୋଗୀ ଭାବେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ନରେନ୍ଦ୍ରପୁର ପଞ୍ଚାୟତରେ ବିଜେଡି କର୍ମୀ ସମ୍ମିଳନୀ



**ନିଶ୍ଚିନ୍ତକୋଇଲି, ୧୦।୫(ସମିସ):** ମାହାଙ୍ଗା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ନିଶ୍ଚିନ୍ତକୋଇଲି ବ୍ଲକ ନରେନ୍ଦ୍ରପୁର ପଞ୍ଚାୟତସ୍ତରୀୟ ବିଜେଡି କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଛି। କେଶବ ଚନ୍ଦ୍ର ଲାଲାଙ୍କ ସଂଯୋଜନାରେ ଏଥିରେ ମୁଖ୍ୟଅତିଥି ଭାବେ ମାହାଙ୍ଗା ବିଧାୟକ ପ୍ରତାପ ଜେନା ଯୋଗଦେଇ ଏଥର ପୁନର୍ବାର ଷଷ୍ଠଥର ପାଇଁ ନବୀନ ପଟ୍ଟନାୟକଙ୍କୁ ମୁଖ୍ୟମନ୍ତ୍ରୀ କରିବା ସହ ବିଧାୟକ ପ୍ରାର୍ଥୀ ଅଙ୍କିତ ପ୍ରତାପ ଜେନା ଓ ସାଂସଦ ପ୍ରାର୍ଥୀ ଅଂଶୁମାନ ମହାନ୍ତିଙ୍କୁ ଯୋଡ଼ି ଶଙ୍ଖରେ ସୁଇଚ୍ ଟିପି ବିପୁଳ ସଂଖ୍ୟାରେ ସମର୍ଥନ ଦେବାକୁ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସରପଞ୍ଚ ନମିତା ରାୟ, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ଗିରିଶ ରଞ୍ଜନ ମହାପାତ୍ର, ନରେନ୍ଦ୍ର ବାରିକ, ପର୍ଯ୍ୟବେକ୍ଷକ ବ୍ରଜମୋହନ ପଣ୍ଡା, ପୂର୍ବତନ ସରପଞ୍ଚ ନିରଞ୍ଜନ ସାହୁ, ଗଙ୍ଗାଧର ସାହୁ, ମହିଳା ନେତ୍ରୀ ସତ୍ୟଭାମା ନାୟକ, ଯୁବନେତା ସନ୍ତୋଷ ସିଂ, ଆଇନଜୀବୀ ଭିକାରୀ ସେଠୀ, ହିମାଂଶୁ ମହାନ୍ତି, ମିର୍ଜା ଅବୁଲ ବେଗ୍, ସେକ୍ ଅବଦୁଲ ବାରିକ୍, ପ୍ରଫୁଲ୍ଲ ସାହୁ, ପ୍ରଦ୍ୟୁମ୍ନ ନାୟକ, ରଶ୍ମୀରଞ୍ଜନ ସାହୁ, ସୁକାନ୍ତୀ ମାହାଳୀ ପ୍ରମୁଖ ଯୋଗଦେଇ ଯୋଡ଼ି ଶଙ୍ଖରେ ଭୋଟ ଦେବା ପାଇଁ ନିବେଦନ କରିଥିଲେ।

## ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ



**ନିଶ୍ଚିନ୍ତକୋଇଲି, ୧୦।୫(ସମିସ):** କଟକ ସଦର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନ ସାନ୍ତପୁର ପଞ୍ଚାୟତ ଓରିକଣା ଗ୍ରାମରେ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କଟକ ଜିଲ୍ଲା ବିଜେଡ଼ି ସାଧାରଣ ସମ୍ପାଦକ ନୃସିଂହଚରଣ ମୁଦୁଲିଙ୍କ ନେତୃତ୍ୱରେ ପଞ୍ଚାୟତର ବିଜେଡ଼ି କର୍ମୀମାନେ ଉକ୍ତ ଗ୍ରାମର ପ୍ରତ୍ୟେକ ପରିବାରକୁ ଯାଇ ଆସନ୍ତା ୨୫ତାରିଖରେ ହେବାକୁ ଥିବା ସାଧାରଣ ନିର୍ବାଚନରେ ବିଧାୟକ ପ୍ରାର୍ଥୀ ଚନ୍ଦ୍ରସାରଥୀ ବେହେରା ଓ ସାଂସଦ ପ୍ରାର୍ଥୀ ସଂତୃପ୍ତ ମିଶ୍ରଙ୍କୁ ଯୋଡ଼ି ଶଙ୍ଖରେ ସୁଇଚ୍ ଟିପି ବିପୁଳ ସଂଖ୍ୟାରେ ଭୋଟ ଦେଇ ବିଜୟୀ କରିବା ପାଇଁ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅରୁଣ କୁମାର ସିଂ, ଅଲେଖ ଦଳାଇ, ଦିଜବର ପଣ୍ଡା, ମୁରଲୀଧର ଦାସ, ଅଟଳ ମହାପାତ୍ର, ନାରାୟଣ ମହାପାତ୍ର, ଟୁକୁନା ମହାପାତ୍ର, ନିରଞ୍ଜନ ମଲିକ, ପବିତ୍ର ସେଠୀ ପ୍ରମୁଖ ଯୋଗଦେଇ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

## ଚୌଦ୍ୱାରରେ ଗୋଖଲେ ଜୟନ୍ତୀ



**ଚୌଦ୍ୱାର, ୧୦।୫(ସମିସ):** ମହାନ୍ ରାଷ୍ଟ୍ରନାୟକ, ମହାତ୍ମା ଗାନ୍ଧୀଙ୍କ ରାଜନୈତିକ ଗୁରୁ ତଥା ସର୍ବପୁରାତନ ସର୍ବଭାରତୀୟ ସ୍ୱେଚ୍ଛାସେବୀ ଅନୁଷ୍ଠାନ ହିନ୍ଦ୍ ସେବକ ସଂଘର ପ୍ରତିଷ୍ଠାତା ଗୋପାଳକୃଷ୍ଣ ଗୋଖଲେଙ୍କ ୧୫୮ତମ ଜୟନ୍ତୀ ଚୌଦ୍ୱାରସ୍ଥିତ ଶିଶୁସଦନ ପରିସରରେ ପାଳିତ ହୋଇଯାଇଛି। ସଂଘର ଓଡ଼ିଶା ଶାଖା ଆନୁକୂଲ୍ୟରେ ଆୟୋଜିତ ଏହି ଉତ୍ସବରେ ବିଶିଷ୍ଟ ଶିକ୍ଷାବିତ ଡ. ଅଦ୍ୱୈତ ପ୍ରସାଦ ନାୟକ ମୁଖ୍ୟବକ୍ତା ଭାବେ ଉଦ୍‌ବୋଧନ ଦେଇଥିଲେ। ହିନ୍ଦ୍ ସେବକ ସଂଘର ରାଷ୍ଟ୍ରୀୟ ଅଧ୍ୟକ୍ଷ ଦାମୋଦର ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଉତ୍କଳ ସମ୍ମିଳନୀର ଉପସଭାପତି ଡ. ସୁରେନ୍ଦ୍ର ମୋହନ ମିଶ୍ର, ମୁଖ୍ୟଅତିଥି ଲୋକସେବକ ମଣ୍ଡଳର ରାଷ୍ଟ୍ରୀୟ ସଭାପତି ରାଜକୁମାର ଚୋପ୍ରା ଯୋଗଦେଇଥିଲେ। ସଂଗଠନର ଆଜୀବନ ସଦସ୍ୟ ଗଙ୍ଗାଧର ସାହୁ ବିବରଣୀ ପାଠ କରିଥିଲେ ଏବଂ ସହଯୋଗୀ ସଦସ୍ୟ ଡ. ସତ୍ୟ ରାୟ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବରିଷ୍ଠ ସଦସ୍ୟ ରମାକାନ୍ତ ଲେଙ୍କା ଧନ୍ୟବାଦ ଅର୍ପଣ କରିଥିଲେ। ଶିଶୁ ସଦନର ପିଲାଙ୍କ ଦ୍ୱାରା ପ୍ରଭାତରେ ସମୂହ ବେଦ ଆବୃତ୍ତି, ଗୀତାପାଠ, ସର୍ବଧର୍ମ ପ୍ରାର୍ଥନା ଆଦି ବହୁବିଧ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଅଖିମୁଠି ଅନୁକୂଳରେ ଉତ୍ସାହିତ ଚାଷୀ ପରିବାର



**ନିଶ୍ଚିନ୍ତକୋଇଲି, ୧୦।୫(ସମିସ):** ବୈଶାଖ ମାସ ଶୁକ୍ଳ ପକ୍ଷ ପ୍ରବିତ୍ର ଅକ୍ଷୟ ତୃତୀୟା ଅବସରରେ ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳର ପ୍ରତ୍ୟେକ ଚାଷୀ ପରିବାରରେ ଉତ୍ସାହ ଦେଖାଦେଇଛି। ଏହି କୃଷି ଭିତ୍ତିକ ପର୍ବରେ ଚାଷୀଭାଇ ପ୍ରତ୍ୟୁଷରୁ ଘରେ ଶୁଭ କଳସ ବସାଇ ମା' ଲକ୍ଷ୍ମୀଙ୍କୁ ପୂଜାର୍ଚ୍ଚନା କରି ପରମ୍ପରା ଅନୁଯାୟୀ ଧାନ ନେଇ କ୍ଷେତକୁ ଯାଇଥିଲେ। ସେଠାରେ ମା ଧରିତ୍ରୀକୁ ଧୂପ, ଦୀପ, ପୁଷ୍ପ, ନୈବେଦ୍ୟ ଅର୍ପଣ କରି ପୂଜାର୍ଚ୍ଚନା କରିବା ପରେ ଅଖି ମୁଠି ଅନୁକୂଳ କରି ଚାଷ କାର୍ଯ୍ୟ ଆରମ୍ଭ କରିଛନ୍ତି। ଅସୁରେଶ୍ୱର ଅଞ୍ଚଳର ଅଜୟ କୁମାର ବଳ, ଧିରେନ୍ଦ୍ର ଶତପଥୀ ମଧ୍ୟ ତାଙ୍କ କ୍ଷେତରେ ଅଖି ମୁଠି ଅନୁକୂଳ କରି ଉତ୍ସାହର ସହିତ ପୂଜାର୍ଚ୍ଚନା କରି ଚଳିତ ବର୍ଷ ଅଧିକ ଅମଳ ପାଇଁ ମା' ଲକ୍ଷ୍ମୀ ଓ ଧରିତ୍ରୀଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି।

## କୁରାଙ୍ଗଶାସନ ଶ୍ରୀଜଗନ୍ନାଥଙ୍କ ରଥକାଠ ଅନୁକୂଳ

**ଫୁଲନଖରା, ୧୦।୫(ସମିସ):** କୁରାଙ୍ଗ ଶାସନସ୍ଥିତ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ରଥଯାତ୍ରା ଉପଲକ୍ଷେ ପବିତ୍ର ଅକ୍ଷୟ ତୃତୀୟା ତିଥିରେ ରୀତିନୀତି ଅନୁଯାୟୀ ରଥକାଠ ଅନୁକୂଳ କାର୍ଯ୍ୟ ସମାପନ ହୋଇଯାଇଛି। ପୂର୍ବ ପ୍ରସ୍ତୁତି ଅନୁଯାୟୀ ମନ୍ଦିରର ପୂଜକ ଲମ୍ବୋଦର ଦାଶ ଉତ୍ତମାପୁର ନିବାସୀ ପବିତ୍ର କରଙ୍କୁ ଫାର୍ମହାଉସ୍ ମଧ୍ୟରେ ଥିବା ନିମ୍ବବୃକ୍ଷକୁ ପୂଜାର୍ଚ୍ଚନା କରିବା ପରେ କାଠୁରିଆ ସେବକ ମହେନ୍ଦ୍ର ସେଠୀ, କବିନ ସେଠୀ, କୁନା ମଳିକ ଉକ୍ତ ବୃକ୍ଷକୁ ଛେଦନ କରିଥିଲେ। କାଠ ଛେଦନ ପରେ କାଠ ଗୁଡିକୁ ରଥଖଳାକୁ ନିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ଶ୍ରୀ ଜଗନ୍ନାଥ ଆଧ୍ୟାତ୍ମିକ ଚେତନା ପରିଷଦର ସଭାପତି ସତ୍ୟ ନାରାୟଣ ମହାନ୍ତି, ଉପସଭାପତି ଗିରିଧାରୀ ସାହୁ, ସମ୍ପାଦକ କାର୍ତ୍ତିକ ଚନ୍ଦ୍ର ସାହୁ, କୋଷାଧ୍ୟକ୍ଷ ପ୍ରକାଶ ନାୟକଙ୍କ ସମେତ ଅରୁଣ ସାହୁ, ବିଜୟ ମିଶ୍ର, ସୁନତ ଭୋଇ, ବିଶ୍ୱନାଥ ସାହୁ, ସନାତନ ସାହୁ, ସୁମିତ୍ରା ଦାସ, ରାଜ କିଶୋର ସାହୁ, ବାପି ସାହୁ ପ୍ରମୁଖ ସହଯୋଗ କରିଥିଲେ।



## କୃଷି ବିଜ୍ଞାନ କେନ୍ଦ୍ରରେ ଜିଲ୍ଲାସ୍ତରୀୟ ଅକ୍ଷୟ ତୃତୀୟା



ଟାଙ୍ଗୀ, ୧୦।୫(ସମିସ)

ଜିଲ୍ଲାସ୍ତରୀୟ ପବିତ୍ର ଅକ୍ଷୟ ତୃତୀୟା ତଥା କୃଷକ ଦିବସ -୨୦୨୪ ଟାଙ୍ଗୀ-ଚୌଦ୍ୱାର ବ୍ଲକ ଉଚ୍ଚପଦା ପଞ୍ଚାୟତ ସନ୍ଥପୁରସ୍ଥିତ କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ଶୁକ୍ରବାର ଯଥାରୀତି ପାଳିତ ହୋଇଯାଇଛି। ଜାତୀୟ ଧାନ ଗବେଷଣା କେନ୍ଦ୍ର, କଟକ ଅଧୀନସ୍ଥ ଉକ୍ତ କୃଷି ବିଜ୍ଞାନ କେନ୍ଦ୍ର ଓ ଜିଲ୍ଲା କୃଷି ବିଭାଗ ମିଳିତ ସହଯୋଗରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା କୃଷି ଅଧିକାରୀ ଅଶୋକ କୁମାର କର ଓ କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡଃ. ରଞ୍ଜନ କୁମାର ମହାନ୍ତ ଯୋଗଦେଇ ପାରମ୍ପରିକ ରୀତିରେ ଅଖିମୁଠି ଅନୁକୂଳ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ଡ. ଜୟନ୍ତ କୁମାର ନାୟକ, ଜିଲ୍ଲା କୃଷି ଅଧିକାରୀ ପର୍ଶୁରାମ ନାୟକ, ଚନ୍ଦ୍ରମୋହନ ଚାନ୍ଦ, ବିଶ୍ୱନାଥ ଦାସ, ତପନ ବେହେରା, ଡ. ଦିଲ୍ଲୀପ ଷଡ଼ଙ୍ଗୀ, ଡ. ସୁଜାତା ସେଠୀ, ଡ. ତୁଷାର ରଞ୍ଜନ ସାହୁ ଓ ଦେବାଶିଷ ଜେନା ପ୍ରମୁଖ ଯୋଗଦେଇ ଆଧୁନିକ ଜ୍ଞାନକୌଶଳ ଉପଯୋଗ ପୂର୍ବକ ଚାଷୀର ଆୟ ଦ୍ୱିଗୁଣିତ କରିବା ସଂକ୍ରାନ୍ତ ବିବରଣୀ ପ୍ରଦାନ କରିଥିଲେ। ବ୍ଲକ କୃଷି ଅଧିକାରୀ ରାଜଶ୍ରୀ ସାହୁ ଧନ୍ୟବାଦ ଅର୍ପଣ କରିଥିବାବେଳେ ବହୁ ଚାଷୀ ଓ କୃଷକ ସାଥୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ତିଗିରିଆରେ ବିଜେଡି ପକ୍ଷରୁ କୃଷକ ଦିବସ ପାଳିତ

# କୃଷକମାନେ ହିଁ ଦେଶର ଭାଗ୍ୟବିଧାତା

ତିଗିରିଆ, ୧୦।୫(ସମିସ)






ଓଡ଼ିଶା ଏକ କୃଷି ପ୍ରାଧାନ୍ୟ ରାଜ୍ୟ। ରାଜ୍ୟର ସଂଖ୍ୟାଧିକ କୃଷକ କୃଷିକ୍ଷେତ୍ରରେ ମୁଣ୍ଡ ଝାଳ ତୁଣ୍ଡରେ ମାରି ବିଭିନ୍ନ ପ୍ରକାରର କୃଷିଜାତ ଦ୍ରବ୍ୟ ଉତ୍ପାଦନ କରି ନିଜ ପରିବାର ପ୍ରତିପୋଷଣ କରୁଥିବା ବେଳ ସେମାନଙ୍କ ଏହି ପରିଶ୍ରମ ପାଇଁ ଆମେ ବିଭିନ୍ନ ସମୟରେ ବିଭିନ୍ନ କୃଷିଜାତ ସାମଗ୍ରୀମାନ ପାଇପାରୁଥାଉ। ବର୍ଷ ବର୍ଷ ଧରି ନିଷ୍ପେସିତ କୃଷକଙ୍କ ଉନ୍ନତି ତଥା ସେମାନଙ୍କ ସାମାଜିକ, ଅର୍ଥନୈତିକ ଅଭିବୃଦ୍ଧି ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ମାଗଣା ବିହନ, କୀଟନାଶକ, ସାର, ଔଷଧ ସହିତ କୃଷିକ୍ଷେତ୍ରରେ ଉପଯୋଗ ହେଉଥିବା ବିଭିନ୍ନ ପ୍ରକାର ଅତ୍ୟାଧୁନିକ ଯନ୍ତ୍ରପାତି ସହଜ ତଥା ସରଳ ଉପାୟରେ ଯୋଗାଇ ଦିଆଯାଉଛି। ଆସନ୍ତା ଦିନରେ କୃଷକମାନଙ୍କର ଉନ୍ନତି ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ବହୁବିଧ ଯୋଜନାମାନ ପ୍ରସ୍ତୁତ ହୋଇଛି ଓ ସାଧାରଣ ନିର୍ବାଚନ ପରେ କୃଷକମାନଙ୍କ ପ୍ରତି ଆହୁରି ସହାୟତା ପ୍ରଦାନ କରାଯିବ ବୋଲି ଆଜି ତିଗିରିଆ ବ୍ଲକ ବିଜୁ ଜନତା ଦଳ ପକ୍ଷରୁ ଏହି ବ୍ଲକ ଅନ୍ତର୍ଗତ ବାଲିପୁଟ ପଞ୍ଚାୟତ ଠାରେ ଆୟୋଜିତ ଅକ୍ଷୟ ତୃତୀୟା ତଥା କୃଷକ ଦିବସରେ ଅତିଥି ରୂପେ ଯୋଗଦେଇ ଆଠଗଡ଼ ନିର୍ବାଚନ ମଣ୍ଡଳୀର ଯୁବ ସଂଗଠକ ତଥା ଯୁବ ହିନ୍ଦ ମଜଦୁର ସଂଘର ରାଷ୍ଟ୍ରୀୟ ସଭାପତି ଆଇନଜୀବୀ ଆଦିତ୍ୟ ପ୍ରତାପ ସ୍ୱାଇଁ ମତବ୍ୟକ୍ତ କରିବା ସହ ଗତକାଲି ବିଜୁ ଜନତା ଦଳ ପକ୍ଷରୁ ପ୍ରକାଶିତ ହୋଇଥିବା ନିର୍ବାଚନୀ ଇସ୍ତାହାର ପୁସ୍ତକରେ କୃଷକମାନଙ୍କ ଉନ୍ନତିକରଣ ପାଇଁ ବିଭିନ୍ନ ଲୋକାଭିମୁଖୀ ଯୋଜନା ସଂକ୍ରାନ୍ତରେ ଗ୍ୟାରେଣ୍ଟି ଯୁକ୍ତ ପ୍ରତିଶ୍ରୁତି ଦିଆଯାଇଥିବାର ପ୍ରକାଶ କରିଛନ୍ତି। ତିଗିରିଆ ବ୍ଲକ ବିଜୁ ଜନତା ଦଳ ସଭାପତି ଅଜିତ୍ କୁମାର ଧିରଙ୍କ ପୌରୋହିତ୍ୟରେ ବିନ୍ଧାଣିମା ବାଇପାସ ଛକ ନିକଟସ୍ଥ ସରସ୍ୱତୀ ଶିଶୁ ମନ୍ଦିର ପାଖରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ଶ୍ରୀ ସ୍ୱାଇଁ ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ରୂପେ ବ୍ଲକ ପୂର୍ବତନ ଅଧ୍ୟକ୍ଷ ତଥା ସେରିଫେଡର ଅଧ୍ୟକ୍ଷ ଭାଗିରଥି ନନ୍ଦ ଯୋଗଦେଇ ରାଜ୍ୟଶାସିତ ବିଜୁ ଜନତା ଦଳ ପକ୍ଷରୁ କୃଷକଙ୍କ ଉନ୍ନତି ପାଇଁ ନିଆଯାଇଥିବା ବିଭିନ୍ନ ଦୃଷ୍ଟାନ୍ତମୂଳକ କାର୍ଯ୍ୟକ୍ରମ ସଂକ୍ରାନ୍ତରେ ବିଷଦ ବିବରଣୀ ପ୍ରଦାନ କରିଥିଲେ।

କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥି ରୂପେ ତିଗିରିଆ ବ୍ଲକ ଅଧ୍ୟକ୍ଷା ସନ୍ଧ୍ୟାରାଣୀ ନାୟକ, ଉପାଧ୍ୟକ୍ଷ ମାନସ କୁମାର ସାହୁ, ୧୪ନଂ ଜିଲ୍ଲା ପରିଷଦ ସଭ୍ୟା ସସ୍ମିତା ରାଉତ, ୧୫ନଂ ଜିଲ୍ଲା ପରିଷଦ ଜୋନ୍ ସଭ୍ୟ ସଞ୍ଜୟ ମଲ୍ଲିକ, ଆତ୍ମା ଅଧ୍ୟକ୍ଷ ହରେନ୍ଦ୍ର ଦଳେଇ, ମିଶନ ଶକ୍ତି ସଭାନେତ୍ରୀ ସମସୁରା ବେଗମ, କୃଷକ ନେତା ଗୌରହରୀ ପରିଡ଼ା, ବିଜୁ କୃଷକ ଜନତା ଦଳ ସଭାପତି ସେକ ଅବଦୁଲ ତୋୟବ, ବିନ୍ଧାଣିମା ପଞ୍ଚାୟତ ସଭାପତି ମାୟାଧର ରାଉତ, ବିନ୍ଧାଣିମା ସମିତିସଭ୍ୟା ସୋନାଲି ସେଠ, ଓପେଲଫେଡର ସଭାପତି ଭୋଳେଶ୍ୱର ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଶ୍ରୀ ସ୍ୱାଇଁ ନିକଟସ୍ଥ ଏକ ଧାନକ୍ଷେତରେ ନିଜେ ବିହନ ବୁଣି ଟ୍ରାକ୍ଟର ଯୋଗେ ଚାଷ କରି ଚଳିତ ବର୍ଷ କୃଷକଙ୍କ ପାଇଁ ଶୁଭଙ୍କର ହେଉ ବୋଲି ପୂଜାପାଠ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଆତ୍ମା ଅଧ୍ୟକ୍ଷ ହରେନ୍ଦ୍ର ଦଳେଇ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବିଜୁ କୃଷକ ଜନତା ଦଳ ସଭାପତି ସେକ ଅବଦୁଲ ତୋୟବ ଧନ୍ୟବାଦ ଦେଇଥିଲେ।

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୩.୫୨ ● ପାଉଣ୍ଡ ୧୦୪.୦୮
- ୟୁରୋ ୯୦.୦୨ ● ୟେନ୍ ୦.୫୩

**ସୁନା, ରୁପା ଦର**



୧୦ ଗ୍ରାମ ପିଛା (ଟଙ୍କାରେ)
- ସୁନା : ୬୭,୦୦୦ (ଭୁବନେଶ୍ୱର)
- ରୁପା : ୮୬,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍ସେକ୍ସ ୭୨,୬୬୪.୦୦
- ନିଫ୍ଟି ୨୨,୦୫୫.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୬



ଅକ୍ଷୟ ତୃତୀୟା

# ୧୧୦ କୋଟିର ସୁନା କାରବାର





**ଭୁବନେଶ୍ୱର,୧୦।୫(ସମିସ)**

ଆଜି ଦିନ ଥିଲା ସୁଖ ଆଉ ସମୃଦ୍ଧିର ପବିତ୍ର ଅକ୍ଷୟ ତୃତୀୟା। ଏହି ଦିନରେ କୌଣସି ଧାତବ ଜିନିଷ କିଣିବାକୁ ଓଡ଼ିଆ ଘରେ ମଙ୍ଗଳମୟ ବିବେଚନା କରାଯାଏ। ଅକ୍ଷୟ ତୃତୀୟାରେ ସୁନା କିଣିଲେ ଘରକୁ ଲକ୍ଷ୍ମୀ ଆସନ୍ତି ବୋଲି ସମସ୍ତଙ୍କର ଏକ ଧାରଣା ରହିଛି। ଏଥିପାଇଁ ରାଜଧାନୀ ସମେତ ରାଜ୍ୟର ସମସ୍ତ ପ୍ରମୁଖ ସହରର ସୁନା ଗହଣା ଦୋକାନରେ ଆଜି ଦେଖିବାକୁ ମିଳିଥିଲା ପ୍ରବଳ ଭିଡ଼। ସୁନା ଓ ରୁପାର ଉଚ୍ଚ ଦର ସତ୍ତ୍ୱେ ଅକ୍ଷୟ ତୃତୀୟା ଭଳି ଶୁଭ ଦିନରେ ସୁନା କିଣିବାକୁ ଗ୍ରାହକଙ୍କ ମଧ୍ୟରେ ବେଶ ଆଗ୍ରହ ଦେଖିବାକୁ ମିଳିଛି। ଏହାଛଡା ରାଜଧାନୀରେ ଚାଲିଥିବା ପ୍ରଧାନମନ୍ତ୍ରୀଙ୍କର ନିର୍ବାଚନୀ ରୋଡ୍ ଶୋ' ଜନିତ କଟକଣା ଦିନବେଳା ଗ୍ରାହକଙ୍କ ସୁନା କିଣା ଆବେଗକୁ ଅଟକାଇପାରି ନ ଥିଲା। ଯାହାଫଳରେ ସକାଳଠାରୁ ଦିନ ଦ୍ୱିପ୍ରହର ଯାଏ ଗହଣା ଶୋ' ରୁମ୍‌ଗୁଡିକରେ ଗ୍ରାହକଙ୍କ ଖଚାଖଚ୍ ଭିଡ଼ ପରିଲକ୍ଷିତ ହୋଇଥିଲା। ତଥାପି ଏଥର ଅକ୍ଷୟ ତୃତୀୟାରେ ରାଜଧାନୀରେ ପାଖାପାଖି ୧୧୦ କୋଟି ଟଙ୍କାର ସୁନା ବିକ୍ରି ହୋଇଛି। ରୁପା ମୂଲ୍ୟ ମଧ୍ୟ ଗତବର୍ଷ ତୁଳନାରେ ଢ଼େର ଉପରେ ରହିଛି। ଅପରପକ୍ଷେ ଅକ୍ଷୟ ତୃତୀୟାରେ ଦେଶରେ ୨୫,୦୦୦ କୋଟିରୁ ଅଧିକ ଟଙ୍କାର ସୁନା କାରବାର ହୋଇଥିବା ଜଣାଯାଇଛି।

ଚଳିତବର୍ଷ ଅକ୍ଷୟ ତୃତୀୟାରେ ରେକର୍ଡ ସ୍ତରରେ ରହିଛି ସୁନା ଦର। ଏଥର ୧୦ ଗ୍ରାମ ପିଛା ୨୨ କ୍ୟାରେଟ୍ ସୁନା ମୂଲ୍ୟ ୬୭,୦୦୦ ଟଙ୍କା ରହିଥିବାବେଳେ ୨୪ କ୍ୟାରେଟ୍ ୭୪,୧୦୦ ଟଙ୍କା ରହିଛି। ସେହିପରି ରୁପା କିଲୋ ଗ୍ରାମ ପିଛା ୮୬,୦୦୦ ଟଙ୍କାରେ ବିକ୍ରି ହେଉଛି। ଚଳିତଥର ସୁନା ଦର ଗତ ବର୍ଷର ଅକ୍ଷୟ ତୃତୀୟା ତୁଳନାରେ ପ୍ରାୟ ୧୦ ହଜାର ଟଙ୍କାରୁ ଅଧିକ ରହିଛି। ସେହିପରି ରୁପା ମୂଲ୍ୟ କିଲୋ ପିଛା ପୂର୍ବବର୍ଷର ଏହି ସମୟ ତୁଳନାରେ ପ୍ରାୟ ୨୦,୦୦୦ ଟଙ୍କାରୁ ଅଧିକ ରହିଛି। ତଥାପି ଏହି ଦୁଇ ଧାତୁ ଉପରୁ ଲୋକଙ୍କ ମୋହ ତୁଟିନି। କାରଣ ଲୋକେ ଜାଣିଛନ୍ତି ଯେ, ସୁନା ସେମାନଙ୍କୁ ଭଲ ରିଟର୍ଣ୍ଣ ଦେବ। ବର୍ଷକୁ ବର୍ଷ ଏହି ଧାତୁ ନିବେଶକଙ୍କୁ ୨୦%ରୁ ଅଧିକ ରିଟର୍ଣ୍ଣ ଦେଇଚାଲିଥିବାବେଳେ ଦରକୁ ଖାତିର ନ କରି ଅକ୍ଷୟ ତୃତୀୟା ଅଫରର ଭରପୁର ଲାଭ ଉଠାଉଛନ୍ତି ଗ୍ରାହକ। ଲୋକଙ୍କ ଚାହିଦାକୁ ଦେଖି ଶୋ ରୁମ୍‌ଗୁଡିକ ମଧ୍ୟ ଚଳଚଞ୍ଚଳ ହୋଇପଡ଼ିଛନ୍ତି। ଜନପଥରେ କଟକଣାକୁ ନଜରରେ ରଖି ଆଜି ଗହଣା ଶୋ' ରୁମ୍‌ଗୁଡିକ ସକାଳ ୮ଟାଠାରୁ ଖୋଲିଥିଲା। ଏହାଛଡା ଶୋ' ରୁମ୍‌ଗୁଡିକ ଗ୍ରାହକଙ୍କୁ ଟାଣିବା ଲାଗି ବିଭିନ୍ନ ପ୍ରକାର ମନଲୋଭା ଅଫର ଦେଉଛନ୍ତି। ସୁନା, ରୁପାର ଗଢ଼ା ମୂଲ୍ୟ ଏବଂ ହୀରା ମୂଲ୍ୟ ଉପରେ ସ୍ୱତନ୍ତ୍ର ଅଫର ରହିଛି। ଉଚ୍ଚ ଦର ଯୋଗୁ ଗ୍ରାହକମାନେ ହାଲୁକା ଗହଣା ସମ୍ଭାର ପ୍ରତି ବେଶୀ ଆକୃଷ୍ଟ ହୋଇଛନ୍ତି। ଏଥର ଆଗୁଆ ବୁକ୍ କରିଥିବା ଗ୍ରାହକଙ୍କୁ ନଜରରେ ରଖି ସ୍ୱତନ୍ତ୍ର କାଉଣ୍ଟର ଯୋଡ଼ାଯାଇଥିଲା। ଜନପଥ ବ୍ୟତୀତ ରାଜଧାନୀର ଚନ୍ଦ୍ରଶେଖରପୁର ,ଜାଗମରା ଏବଂ ଅନ୍ୟ ଅଞ୍ଚଳଗୁଡିକରେ ସୁନା କାରବାର ବେଶ ଜମିଥିଲା। କାରଣ ଜନପଥରେ ସନ୍ଧ୍ୟାରେ ଦୋକାନ ବନ୍ଦ ଥିବାରୁ ଗ୍ରାହକମାନେ ଏସବୁ ଅଞ୍ଚଳରେ ଅଧିକ ଭିଡ଼ ଜମାଇଥିଲେ। କେବଳ ରାଜଧାନୀ ଭୁବନେଶ୍ୱର କାହିଁକି ରାଜ୍ୟର କଟକ, ବ୍ରହ୍ମପୁର, ସମ୍ବଲପୁର, ରାଉରକେଲା, ଅନୁଗୋଳ ଏବଂ ବାଲେଶ୍ୱର ଆଦି ସହରରେ ସୁନା କାରବାର ବେଶ ଜମିଥିଲା।

ଅପରପକ୍ଷେ କ୍ଷେତ୍ର ସହ ଜଡିତ ବିଶେଷଜ୍ଞଙ୍କ ମତରେ ଏଥର ଅକ୍ଷୟ ତୃତୀୟାରେ ଦେଢ଼ କୁଇଣ୍ଟାଲରୁ ଅଧିକ ଅର୍ଥାତ୍ ୧୧୦ କୋଟି ଟଙ୍କା ମୂଲ୍ୟର ସୁନା ଗହଣା ବିକ୍ରି ହୋଇଥିବା ଜଣାଯାଇଛି। ଏସବୁବ୍ୟତୀତ ଆଜିର ଦିନରେ ଅନେକ ଲୋକ ଶୋ' ରୁମ୍‌ରେ ସୁନା କଏନ୍, ରୁପାର ଉପହାର ସହ ଫ୍ୟାଶନ୍ ଜୁଏଲେରୀ କିଣୁଥିବାର ଦେଖିବାକୁ ମିଳିଛି। ଏ ସମ୍ପର୍କରେ ମାଲାବାର ଗୋଲ୍ଡ ଆଣ୍ଡ ଡାଏମଣ୍ଡର ମାର୍କେଟିଂ ମ୍ୟାନେଜର ସିଦ୍ଧେଶ୍ୱର ରଥ କହିଛନ୍ତି, ପ୍ରଧାନମନ୍ତ୍ରୀଙ୍କର ରୋଡ୍ ଶୋ' କଟକଣା ପାଇଁ ଚଳିତଥର ଅକ୍ଷୟ ତୃତୀୟାରେ ଆମେ ସକାଳ ୮ଟାରୁ କାବରାର ଆରମ୍ଭ କରିଥିଲୁ। ଭଲ କାରବାର ଆଶା ରହିଛି। ସୁନା ଦର ବୃଦ୍ଧି ସତ୍ତ୍ୱେ ଚାରି ଦିନ କାରବାର ଭଲ ହୋଇଛି। ଗୁରୁବାର ବି ସୋ'ରୁମରେ ଭିଡ଼ ରହିଥିଲା। ଅକ୍ଷୟ ତୃତୀୟାରେ ସୋ'ରୁମ ସକାଳ ୮ରୁ ଖୋଲିଥିଲା। ଏ ସମ୍ପର୍କରେ ଚନ୍ଦ୍ରଶେଖରପୁର ଅଞ୍ଚଳର ଗ୍ରାହକ ସୁଷମା ଦାସ କୁହନ୍ତି, ଅକ୍ଷୟ ତୃତୀୟା ଦିନଟି ଶୁଭ ହୋଇଥିବାରୁ ଆମେ ସବୁ ବର୍ଷ ଭଳି ଚଳିତବର୍ଷ ସୁନା କିଣାକିଣି କରିଛୁ।

> ଚଳିତ ବର୍ଷର ଅକ୍ଷୟ ତୃତୀୟା ନିମନ୍ତେ ଆମର ବିକ୍ରି ମେ ପହିଲାଠାରୁ ଆରମ୍ଭ ହୋଇଛି। ଏହା ଚଳିତ ମାସ ଶେଷ ପର୍ଯ୍ୟନ୍ତ ଚାଲୁ ରହିବ। ଗତ କିଛିଦିନ ମଧ୍ୟରେ ଓଡ଼ିଶାରେ ଥିବା ଆମର ୮ ଟି ଷ୍ଟୋରରେ ଅଧିକ ଭିଡ଼ ପରିଲକ୍ଷିତ ହେଉଛି। ସୁନା ଦର ବୃଦ୍ଧି ସତ୍ତ୍ୱେ, ଗ୍ରାହକମାନେ ସୁନା, ରୁପା ଓ ହୀରା ଗହଣା ଅଧିକ ମାତ୍ରାରେ କ୍ରୟ କରୁଛନ୍ତି। ବିଶେଷ ଭାବରେ ଚଳିତବର୍ଷ ହୀରା ଗହଣା ପାଇଁ ଅଧିକ ଆଗ୍ରହ ପରିଲକ୍ଷିତ ହେଉଛି। ଗ୍ରାହକମାନେ ଅଧିକ ଓଜନ ବିଶିଷ୍ଟ ସୁନା ଗହଣକୁ ପସନ୍ଦ କରୁଛନ୍ତି। ଯାହାକୁ ସେମାନେ ନିବେଶ ଉପରେ ଆକର୍ଷଣୀୟ ରିଟର୍ଣ୍ଣ ଭାବେ ଗ୍ରହଣ କରୁଛନ୍ତି। ଗତବର୍ଷ ଯେଉଁମାନେ ସୁନାରେ ନିବେଶ କରିଥିଲେ ସେମାନେ ୨୦-୨୫% ରିଟର୍ଣ୍ଣ ପାଇଛନ୍ତି। ସବୁବେଳେ ସୁନା ଏକ ଦମଦାର ନିବେଶ ଭାବେ ପ୍ରମାଣିତ ହୋଇଛି। ଆଜି ସକାଳୁ ଆମର ସମସ୍ତ ଷ୍ଟୋରରେ ଗ୍ରାହକଙ୍କ ଆସିବା ନିରନ୍ତର ଲାଗି ରହିଛି। ଚଳିତ ବର୍ଷ ଅକ୍ଷୟ ତୃତୀୟା ରେ ଆମେ ଗତ ବର୍ଷ ତୁଳନାରେ ୧୦-୧୪% ଅଧିକ ବିକ୍ରି ଆଶା କରୁଛୁ।
>
> —ମିତେଶ ଖେମ୍‌କା , ନିର୍ଦ୍ଦେଶକ ଖେମ୍‌କା ଜୁଏଲର୍ସ



## ଦ୍ୱିପ୍ରହର ଯାଏ ଶୋ' ରୁମ୍‌ରେ ଖଚାଖଚ୍ ଭିଡ଼

## ସକାଳୁ ୮ଟାରୁ ଖୋଲିଲା ଶୋ' ରୁମ୍: ବିକ୍ରି ୧୫% ବଢ଼ିଲା

## ଏଥର ଟ୍ରେଣ୍ଡରେ ନୂଆ ନୂଆ କଲେକ୍ସନ

# ମେ' ୧୨ ପର୍ଯ୍ୟନ୍ତ ଲାଲ୍‌ଚାନ୍ଦ ଅକ୍ଷୟ ତୃତୀୟା ଫେଷ୍ଟିଭାଲ୍ ଅଫର୍



**ଭୁବନେଶ୍ୱର,୧୦।୫(ସମିସ):** ଲାଲ୍‌ଚାନ୍ଦ ଜୁଏଲର୍ସ ଏହାର ଗ୍ରାହକମାନଙ୍କ ଲାଗି ଆଣିଛି ଅକ୍ଷୟ ତୃତୀୟା ଫେଷ୍ଟିଭାଲ୍ ଅଫର୍। ଏହି ଫେଷ୍ଟିଭାଲ୍‌ରେ ଲାଲ୍‌ଚାନ୍ଦ ଗ୍ରାହକମାନଙ୍କୁ ସୁନା, ହୀରା ଏବଂ ରୁପା ଗହଣା ଉପରେ ଆକର୍ଷଣୀୟ ଅଫର ପ୍ରଦାନ କରୁଛି। ଏହି ଅକ୍ଷୟ ତୃତୀୟା ଫେଷ୍ଟିଭାଲ୍ ଅଫର ମେ' ୧୨ ତାରିଖ ପର୍ଯ୍ୟନ୍ତ ଜାରି ରହିବ। ଏଥିରେ ଗ୍ରାହକ ସର୍ବାଧିକ ଅଫର ସହ ବିଭିନ୍ନ ଭେରାଇଟିର ଅଳଙ୍କାର କିଣି ସର୍ବାଧିକ ଅର୍ଥ ସଞ୍ଚୟ କରିପାରିବେ। ଅକ୍ଷୟ ତୃତୀୟା ଫେଷ୍ଟିଭାଲ୍ ଅଫରରେ ଗ୍ରାହକ ସମସ୍ତ ଏଚ୍‌ୟୁଆଇଡି ସୁନା ଗହଣା କିଣା ଉପରେ ଗ୍ରାମ ପିଛା ଗଢ଼ା ମଜୁରୀ ଫ୍ଲାଟ୍ ୭୯୯ ଟଙ୍କା ଏବଂ ରୁପା ଗହଣାର ଗଢ଼ା ମଜୁରୀ ଗ୍ରାମ ପିଛା ୧୩ ଟଙ୍କା ଦେଇ ନେଇପାରିବେ। ସେହିପରି ହୀରା ଗହଣା କିଣା ଉପରେ ଗ୍ରାହକ ଶୂନ୍ୟ ଗଢ଼ା ମଜୁରୀ ସୁବିଧା ରହିଛି। ଅକ୍ଷୟ ତୃତୀୟା ଫେଷ୍ଟିଭାଲ୍ ଅଫର ଲାଲ୍‌ଚାନ୍ଦର ଭୁବନେଶ୍ୱରସ୍ଥିତ ରଘୁନାଥପୁର, ମାଷ୍ଟର୍‌କ୍ୟାଣ୍ଟିନ୍, ବ୍ରହ୍ମପୁର,କଟକ ଏବଂ ନୂଆଦିଲ୍ଲୀର ଲଜ୍‌ପତ୍ ନଗର ସ୍ଥିତ ଶୋ' ରୁମ୍‌ରେ ଉପଲବ୍ଧ। ଲାଲ୍‌ଚାନ୍ଦର ସମସ୍ତ ଷ୍ଟୋରରେ ଏସ୍‌ବିଆଇ କାର୍ଡ ଉପଭୋକ୍ତାଙ୍କ ପାଇଁ ବିଶେଷ ଅଫର ରଖାଯାଇଛି। ସର୍ବନିମ୍ନ ୩୦ ହଜାର ଟଙ୍କାର ନେଣଦେଣ ଉପରେ ସର୍ବାଧିକ ୨,୫୦୦ ଟଙ୍କା ପର୍ଯ୍ୟନ୍ତ କ୍ୟାସବ୍ୟାକ୍ ଅଫର୍ ରଖାଯାଇଛି। ଏହି ଅଫର୍ ୫ ମେ'ରୁ ୧୨ ମେ' ୨୦୨୪ ପର୍ଯ୍ୟନ୍ତ ବୈଧ। ମିଛ ଅଫରଠାରୁ ଦୂରେଇ ରହିବା ସହ ସର୍ବଦା ଫ୍ଲାଟ୍ ଓ ସ୍ୱଚ୍ଛ ଗଢ଼ା ମଜୁରୀକୁ ଚୟନ କରିବା ଉପରେ ଲାଲ୍‌ଚାନ୍ଦ ଗୁରୁତ୍ୱ ଦେଇଆସୁଛି। ଏ ସମ୍ପର୍କରେ ଲାଲ୍‌ଚାନ୍ଦ ଗ୍ରୁପର ପ୍ରତିଷ୍ଠାତା ଅଧକ୍ଷ ସଞ୍ଜୟ ହଂସ କହିଛନ୍ତି ଯେ, ସୁନାର ମୂଲ୍ୟ ବୃଦ୍ଧିକୁ କେହି ନିୟନ୍ତ୍ରଣ କରିପାରିବେନାହିଁ।ଲାଲ୍‌ଚାନ୍ଦ ଜୁଏଲର୍ସ ଏହାର ନୀତି, ଅଫର ଏବଂ ସେବା ଜରିଆରେ ଗ୍ରାହକମାନଙ୍କୁ ଶ୍ରେଷ୍ଠ ଶପିଂର ଅଭିଜ୍ଞତା ପ୍ରଦାନ କରୁଛି। ଲାଲ୍‌ଚାନ୍ଦ ଗ୍ରାହକଙ୍କ କଷ୍ଟ ଉପାର୍ଜିତ ଅର୍ଥର ଶ୍ରେଷ୍ଠ ମୂଲ୍ୟ ପ୍ରଦାନ କରୁଛି। ଲାଲ୍‌ଚାନ୍ଦ୍ ଜୁଏଲର୍ସ ସର୍ବଦା ଗ୍ରାହକଙ୍କ ହିତ ଓ ସତ୍ୟତାକୁ ଅଗ୍ରାଧିକାର ଦେଇ ବିଭିନ୍ନ ସମୟରେ ସଚେତନତା ଅଭିଯାନ ଚଳାଇ ଆସୁଅଛି। ସୁନାର ଗୁଣବତ୍ତା ସହ ଲାଲ୍‌ଚାନ୍ଦ୍ ଜୁଏଲର୍ସ ଗ୍ରାହକଙ୍କୁ 'ଅପ୍ ଟୁ' ଅଥବା 'ପର୍ଯ୍ୟନ୍ତ' ସ୍କାମ୍ ଏବଂ ସର୍ତ୍ତମୂଳକ ଅଫରରୁ ବିରତ ରହିବା ନେଇ ସଚେତନ କରିଆସୁଛି। ଲାଲ୍‌ଚାନ୍ଦର ଗୋଲ୍ଡ ଲକିଂ ସ୍କିମ୍‌ରେ ଗ୍ରାହକମାନେ ୬୬,୪୦୦ କିମ୍ବା ୬୬୪୦୦ ଟଙ୍କାରେ ଅଗ୍ରିମ ଭାବେ ସୁନା ବୁକିଂ କରିଥିଲେ। ଏବେ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୬୭ ,୦୦୦ ଟଙ୍କାରେ ପହଞ୍ଚିଲାଣି। ସେହି ଗ୍ରାହକମାନେ ଏବେ ପୁରୁଣା ମୂଲ୍ୟରେ ସୁନା କିଣିଲେ। ମୂଲ୍ୟ ବଢ଼ିଲେ ବି ସେମାନଙ୍କୁ ବର୍ଦ୍ଧିତ ମୂଲ୍ୟ ଦେବାକୁ ପଡିଲା ନାହିଁ। ବିଶେଷ କରି ଅକ୍ଷୟ ତୃତୀୟା ସମୟରେ ଗ୍ରାହକଙ୍କୁ ଯେଉଁ ମୂଲ୍ୟରେ ସୁନା ଏବଂ ଗଢ଼ା ମଜୁରୀରେ ରିଆତି ମିଳୁଛି ସାଧାରଣ ବିବାହ ଋତୁରେ ସେହି ମୂଲ୍ୟରେ ସୁନା ମିଳି ନ ଥାଏ। ଏହାଛଡା ଅକ୍ଷୟ ତୃତୀୟାରେ ସର୍ବାଧିକ ଡିଜାଇନ୍‌ର ସୁନା ମହଣା ଉପଲବ୍ଧ ହୋଇଥାଏ।

LALCHND Trusted Brand Since 1948

ଚୀନ୍‌କୁ ମାଳଦ୍ୱୀପ ଦେଲା ବଡ଼ ଝଟ୍‌କା

# ଡ୍ରାଗନ୍ ଜାହାଜକୁ ଅନୁମତି ଦେଲେନାହିଁ ରାଷ୍ଟ୍ରପତି ମୁଇଜ୍ଜୁ

**ନୂଆଦିଲ୍ଲୀ,୧୦।୫(ଏଜେନ୍ସି):** ଚୀନ ସହ ଭଲ ସମ୍ପର୍କ ରଖୁଥିବା ମାଳଦ୍ୱୀପ ରାଷ୍ଟ୍ରପତି ମୁଇଜ୍ଜୁ ବର୍ତ୍ତମାନ ଚୀନକୁ ହିଁ ଝଟ୍‌କା ଦେଇଛନ୍ତି। ମାଳଦ୍ୱୀପ ଚୀନର ଗୁପ୍ତଚର ଜାହଜକୁ ଅଟକାଇବା ସହ ତାକୁ ଅନୁମତି ଦେଇନାହିଁ। ଏହାକୁ ହିନ୍ଦ ମହାସାଗରର ସୁରକ୍ଷା ହିସାବରେ ମହତ୍ତ୍ୱପୂର୍ଣ୍ଣ ବୋଲି ବିଶ୍ୱାସ କରାଯାଏ। ମାଳଦ୍ୱୀପର ବୈଦେଶିକ ମନ୍ତ୍ରୀ ମୁସା ଜମୀର କହିଛନ୍ତି ଯେ, ତାଙ୍କ ସରକାର ମାଳଦ୍ୱୀପ ଜଳ କ୍ଷେତ୍ରରେ ଚୀନର ଗୁପ୍ତଚର ଜାହଜ ଜିୟାଙ୍ଗ ୟାଙ୍ଗ ହୋଙ୍ଗ-୩ ପ୍ରବେଶକୁ ଅନୁମତି ଦେଇନାହାନ୍ତି। ଏହି ବିଷୟ ଗତ ଦୁଇ ମାସ ମଧ୍ୟରେ ପୁଣି ଘଟିଛି। ସେହିପରି ଏହା ପୂର୍ବରୁ ମାଳଦ୍ୱୀପ ଭାରତୀୟ ଲୋକଙ୍କୁ ପର୍ଯ୍ୟଟନ ପାଇଁ ମାଳଦ୍ୱୀପ ଆସିବାକୁ ନିବେଦନ କରିଛନ୍ତି।

ଭାରତ ଗସ୍ତରେ ଆସିଥିବା ମାଳଦ୍ୱୀପର ବୈଦେଶିକ ମନ୍ତ୍ରୀ ମୁସା ଜମୀର କହିଛନ୍ତି ଯେ, ହିନ୍ଦ ମହାସାଗରର ଶାନ୍ତି ଏବଂ ସୁରକ୍ଷା ଭାରତ, ମାଳଦ୍ୱୀପ, ଶ୍ରୀଲଙ୍କା ଏବଂ ଆମ ପଡୋଶୀର ଅନ୍ୟ ଦେଶ ପାଇଁ ଗୁରୁତ୍ୱପୂର୍ଣ୍ଣ। ସେ କହିଛନ୍ତି ଯେ, ଆମେ ସାଙ୍ଗ ହୋଇ କାମ କରିବା ଜାରି ରଖିବା, ଆମେ ଏକ ଶାନ୍ତିପୂର୍ଣ୍ଣ ଦେଶ ଭାବେ ସେହି ଜାହଜର ସ୍ୱାଗତ କରୁଛୁ, ଯାହା ଶାନ୍ତିପୂର୍ଣ୍ଣ ଉଦ୍ଦେଶ୍ୟ ପାଇଁ ଆସୁଛି, ହେଲେ ମାଳଦ୍ୱୀପର ଜଳ କ୍ଷେତ୍ରରେ ଅନୁସନ୍ଧାନ ପାଇଁ ଆସନ୍ତୁ ନାହିଁ। ଆମେ ମାଳଦ୍ୱୀପର ଜଳ କ୍ଷେତ୍ରରେ ଅନୁସନ୍ଧାନ ପାଇଁ ଚୀନ ଜାହଜକୁ ଅନୁମତି ଦିଆଯାଇନାହିଁ। ମୂସା ଜମୀର କହିଛନ୍ତି ଯେ, ମାଳଦ୍ୱୀପର ଜଳ କ୍ଷେତ୍ରରେ ରିସର୍ଚ୍ଚ କରୁଥିବା ଜାହଜମାନଙ୍କୁ ସ୍ୱାଗତ କରିନାହାନ୍ତି।

## ଭାରତରେ ହେବ ପିସି, ସର୍ଭର ଉତ୍ପାଦନ

**ନୂଆଦିଲ୍ଲୀ,୧୦।୫(ଏଜେନ୍ସି):** ଚଳିତ ବର୍ଷରୁ ଦେଶରେ ପିସି ଏବଂ ସର୍ଭର ଉତ୍ପାଦନ ଆରମ୍ଭ କରିବେ ୧୭ କମ୍ପାନୀ। ଏନେଇ ସୂଚନା ଦେଇଛନ୍ତି ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ସଚିବ ଏସ କ୍ରିଷ୍ଣନ୍। ଶୁକ୍ରବାର ସେ କହିଛନ୍ତି ଆଇଟି ହାର୍ଡୱେର ଉତ୍ପାଦନ-ଆଧାରିତ ପ୍ରୋତ୍ସାହନ (ପିଏଲଆଇ) ଯୋଜନା ଅନୁଯାୟୀ ଚୟନ ହୋଇଥିବା ପିସି ଏବଂ ସର୍ଭର ନିର୍ମାତାଙ୍କ ମଧ୍ୟରୁ ଅଧିକାଂଶ ଚଳିତବର୍ଷ ଉତ୍ପାଦନ ଆରମ୍ଭ କରିବା ନେଇ ଅନୁମାନ କରାଯାଉଛି। ଶ୍ରୀ କ୍ରିଷ୍ଣନ କହିଛନ୍ତି ୨୭ ପିଏଲଆଇ କମ୍ପାନି ମଧ୍ୟରୁ ପ୍ରାୟ ୧୭ କମ୍ପାନି ଚଳିତ ବର୍ଷ ଉତ୍ପାଦନ ଆରମ୍ଭ କରିବେ। ଏଥି ମଧ୍ୟରୁ ପ୍ରାୟ ୬-୭ ଗତ ବର୍ଷ ଉତ୍ପାଦନ ଆରମ୍ଭ କରିଥିଲେ। ଆଉ ଦୁଇ କମ୍ପାନି ଆସନ୍ତା ବର୍ଷରୁ ଉତ୍ପାଦନ ଆରମ୍ଭ କରିବା ନେଇ ଯୋଜନା ରହିଛି।

## ଷ୍ଟକ୍ ବଜାରକୁ ଫେରିଲା ଉତ୍ସାହ; ସେନ୍‌ସେକ୍ସରେ ୨୬୦ ପଏଣ୍ଟ ବୃଦ୍ଧି

**ମୁମ୍ବଇ,୧୦।୫(ଏଜେନ୍ସି):** କ୍ରମାଗତ ଭାବେ ୩ ଦିନ ଧରି ହ୍ରାସ ପରେ ଶେଷରେ ଘରୋଇ ଷ୍ଟକ ବଜାରରେ ଉତ୍ସାହ ଫେରିଛି। ସପ୍ତାହର ଶେଷ କାରବାର ଦିବସ ଅର୍ଥାତ୍ ଶୁକ୍ରବାର ଭାରତୀୟ ଷ୍ଟକ ବଜାରରେ ବୃଦ୍ଧି ଦେଖିବାକୁ ମିଳିଥିଲା। ଆଜିର କାରବାର ଶେଷ ସୁଦ୍ଧା ୩୦ ସେୟାର ବିଶିଷ୍ଟ ବିଏସଇ ସେନ୍‌ସେକ୍ସ ୨୬୦.୩୦ ପଏଣ୍ଟ ବା ୦.୩୬ ପ୍ରତିଶତ ବୃଦ୍ଧି ହୋଇ ୭୨,୬୬୪.୪୭ ପଏଣ୍ଟରେ ବନ୍ଦ ହୋଇଛି। ସେହିପରି ୫୦ ସେୟାର ବିଶିଷ୍ଟ ନ୍ୟାସନାଲ ଷ୍ଟକ୍ ଏକ୍ସଚେଞ୍ଜ ନିଫ୍ଟି ୯୭.୭୦ ପଏଣ୍ଟ ବା ୦.୪୪ ପ୍ରତିଶତ ବୃଦ୍ଧି ପାଇ ୨୨,୦୫୫.୨୦ରେ ବନ୍ଦ ହୋଇଛି। ମେ' ୯ ରେ ବିଏସ୍‌ଇ ସେନ୍‌ସେକ୍ସ ୧,୦୬୨.୨୨ ପଏଣ୍ଟ ବା ୧.୪୫% ହ୍ରାସ ପାଇ ୭୨,୪୦୪.୧୭ରେ ବନ୍ଦ ହୋଇଥିଲା। ସେହିପରି ଏନଏସଇ ନିଫ୍ଟି ମଧ୍ୟ ୩୪୫ ପଏଣ୍ଟ ବା ୧.୫୫ ପ୍ରତିଶତ ହ୍ରାସ ପାଇ ୨୧,୯୫୭.୫୦ ପଏଣ୍ଟରେ ବନ୍ଦ ହୋଇଛି।

## ଷ୍ଟେଟ ବ୍ୟାଙ୍କ ପକ୍ଷରୁ ଅକ୍ଷିମୁଠି ଅନୁକୂଳ



**ଭୁବନେଶ୍ୱର,୧୦।୫(ସମିସ):** ଭାରତୀୟ ଷ୍ଟେଟ ବ୍ୟାଙ୍କ ବିଦ୍ୟାଧରପୁର ଓ ବୟାଳିଶ ମଉଜା ଶାଖା ଦ୍ୱାରା ମିଳିତ ଆନୁକୁଲ୍ୟରେ କଦମପଡା ଗ୍ରାମରେ ପବିତ୍ର ଅକ୍ଷୟ ତୃତୀୟା ଉପଲକ୍ଷେ ଅକ୍ଷିମୁଠି ଅନୁକୂଳ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଷ୍ଟେଟ ବ୍ୟାଙ୍କ ସ୍ଥାନୀୟ ପ୍ରଧାନ କାର୍ଯ୍ୟାଳୟ ଭୁବନେଶ୍ୱରର ମହାପ୍ରବନ୍ଧକ ପୋନ୍ନମବଲମ ମୁରୁଗନ ଓ ପ୍ରଶାସନିକ କାର୍ଯ୍ୟାଳୟର ଉପମହାପ୍ରବନ୍ଧକ ସଞ୍ଜୟ କୁମାର ଝା ଯଥାକ୍ରମେ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଉତ୍ସବରେ ଶ୍ରୀ ମୁରୁଗନ ଚାଷୀ ମାନଙ୍କୁ ଉତ୍ସାହିତ କରି ଅକ୍ଷିମୁଠି ଅନୁକୂଳ କରିଥିଲେ ଓ କୃଷି କାର୍ଯ୍ୟକୁ ଆଗେଇନେବା ପାଇଁ ଆହ୍ୱାନ ଦେଇଥିଲେ। ଏହି ଅବସରରେ କୃଷକମାନଙ୍କୁ ପ୍ରୋତ୍ସାହନ ପୂର୍ବକ କୃଷିଋଣ ପ୍ରଦାନ କରାଯାଇଥିଲା। ଷ୍ଟେଟ ବ୍ୟାଙ୍କ କଟକ ଆଞ୍ଚଳିକ ପ୍ରବନ୍ଧକ ଭବାନୀ ଶଙ୍କର ମହାନ୍ତି ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

କେନ୍ଦ୍ର ସରକାରଙ୍କ ବଡ଼ କାର୍ଯ୍ୟାନୁଷ୍ଠାନ

# ୨୮ ହଜାରରୁ ଅଧିକ ମୋବାଇଲ୍ ବ୍ଲକ୍ କରିବାକୁ ନିର୍ଦ୍ଦେଶ

**ନୂଆଦିଲ୍ଲୀ,୧୦।୫(ଏଜେନ୍ସି)**

ଦେଶରେ ବଢ଼ିଚାଲିଥିବା ସାଇବର ଅପରାଧ ରୋକିବାକୁ କେନ୍ଦ୍ର ସରକାର ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଏହି ଅନୁଯାୟୀ, ୨୮,୨୦୦ ମୋବାଇଲ୍ ଫୋନ୍‌କୁ ବ୍ଲକ୍ କରିବାକୁ କେନ୍ଦ୍ର ସରକାର ଟେଲିକମ୍ ଅପରେଟରଙ୍କୁ ନିର୍ଦ୍ଦେଶ ନିର୍ଦ୍ଦେଶ ଦେଇଛନ୍ତି। ଏହି ମୋବାଇଲ୍ ଫୋନ୍ ବ୍ୟବହାରକାରୀମାନେ ବିଭିନ୍ନ ସାଇବର ଅପରାଧରେ ଲିପ୍ତ ଥିବା ଜଣାପଡ଼ିବା ପରେ କେନ୍ଦ୍ର ସରକାର ଏଭଳି ନିର୍ଦ୍ଦେଶ ଦେଇଛନ୍ତି।

କେବଳ ସେତିକି ନୁହେଁ ଏହିସବୁ ମୋବାଇଲ୍‌ଗୁଡିକ ସହ ସମ୍ପୃକ୍ତ ୨୦ ଲକ୍ଷ ମୋବାଇଲ୍ ନମ୍ବରକୁ ରି-ଭେରିଫିକେସନ(ପୁନଃ ପ୍ରମାଣନ) କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଯଦି ଏହିସବୁ ସିମ୍ ଭେରିଫିକେସନ ବିଫଳ ହୁଏ ତେବେ ଏଗୁଡ଼ିକୁ ବାତିଲ୍ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

କେନ୍ଦ୍ର ଗୃହ ମନ୍ତ୍ରଣାଳୟ ଓ ରାଜ୍ୟ ପୁଲିସ ଦ୍ୱାରା ଯାଞ୍ଚ କରିବା ପରେ ୨୮,୨୦୦ ମୋବାଇଲ୍ ସାଇବର କ୍ରାଇମ୍‌ରେ ବ୍ୟବହାର ହେଉଥିବା ଜଣାପଡ଼ିଥିଲା। ଏହାପରେ ଟେଲିକମ୍ୟୁନିକେଶନ (ଡଟ୍) ଦ୍ୱାରା ମଧ ଏକ ଯାଞ୍ଚ କରାଯାଇଥିଲା। ଯେଉଁଥିରେ ଜଣାପଡ଼ିଥିଲା ଯେ ଏହି ମୋବାଇଲ୍ ଗୁଡ଼ିକରେ ୨୦ ଲକ୍ଷ ନମ୍ବର ବ୍ୟବହାର କରାଯାଇଛି। ତେଣୁ ଏଗୁଡିକର ରି-ଭେରିଫିକେସନ୍ ପାଇଁ ଡଟ୍ ନିର୍ଦ୍ଦେଶ ଦେଇଛନ୍ତି। ଏ ନେଇ ଜାରି ହୋଇଥିବା ସରକାର ବିବୃତ୍ତିରେ କୁହାଯାଇଛି ଡଟ୍ ଟେଲିକମ ସେବା ଯୋଗାଉଥିବା କମ୍ପାନୀଗୁଡିକ ପାଇଁ ନର୍ଦ୍ଦେଶନାମା ଜାରି କରି ୨୮,୨୦୦ ମୋବାଇଲ୍ ଫୋନ୍‌ରେ ବ୍ୟବହାର ହେଉଥିବା ୨୦ ଲକ୍ଷ ମୋବାଇଲ ସଂଯୋଗ ରି-ଭେରିଫିକେସନ୍ ପାଇଁ ନିର୍ଦ୍ଦେଶ ଦେଇଛି। ତେବେ ଭେରିଫିକେସନ ଫେଲ୍ ମାରିଲେ ଏଗୁଡ଼ିକର ସଂଯୋଗ ବିଚ୍ଛିନ୍ନ କରିବାକୁ ନିର୍ଦ୍ଦେଶନାମାରେ କୁହାଯାଇଛି। ସାଇବର ଅପରାଧ ଦ୍ୱାରା ହେଉଥିବା ଆର୍ଥିକ ଠକେଇ ରୋକିବାକୁ ଡଟ୍, ଗୃହ ମନ୍ତ୍ରଣାଳୟ ଓ ରାଜ୍ୟ ପୁଲିସ ପକ୍ଷରୁ ମିଳିତ ଉଦ୍ୟମରେ ଏଭଳି ପ୍ରୟାସ ହୋଇଛି। ଠକେଇ କରୁଥିବା ନେଟୱର୍କକୁ ନଷ୍ଟ କରିବା ସହ ଜନସାଧାରଣଙ୍କୁ ଡିଜିଟାଲ୍ ବିପଦରୁ ରକ୍ଷା କରିବା ଓ ସୁରକ୍ଷିତ ଡିଜିଟାଲ ପରିବେଶ ଏହାର ମୂଳ ଉଦ୍ଦେଶ୍ୟ। ସାଇବର ଅପରାଧ ଓ ଆର୍ଥିକ ଠକେଇରେ ଅପବ୍ୟବହାର ହେଉଥିବା ଟେଲିକମ ଉତ୍ସକୁ ରୋକିବାକୁ ଅଂଶୀଦାରଙ୍କ ସହ ସହଯୋଗ ରଖିବାକୁ ନିକଟରେ ସରକାର ଡିଜିଟାଲ୍ ଇଣ୍ଟେଲିଜେନ୍ସ ପ୍ଲାଟଫର୍ମ(ଡିଆଇପି) ଶୁଭାରମ୍ଭ କରାଯାଇଥିଲା। ରିଅଲ ଟାଇମ୍ ଇଣ୍ଟେଲିଜେନ୍ସ ଶେୟାରିଂ, ସୂଚନା ବିନିମୟ ଏବଂ ବିଭିନ୍ନ ଅଂଶୀଦାରମାନଙ୍କ ସହ ସହଯୋଗ ରକ୍ଷା କରିବା ପାଇଁ ଡଟ୍ ଦ୍ୱାରା ଡିଆଇପି ସର୍ଭର ବିକଶିତ କରାଯାଇଥିଲା। ଅଂଶୀଦାରମାନଙ୍କ ମଧ୍ୟରେ ଟେଲିକମ୍ କମ୍ପାନୀ,ଆଇନ ପ୍ରବର୍ତ୍ତନ ସଂସ୍ଥା(ଏଲ୍‌ଇଏ), ବ୍ୟାଙ୍କ୍, ଏବଂ ଆର୍ଥିକ ସଂସ୍ଥାନ, ସୋସିଆଲ୍ ମିଡିଆ ପ୍ଲାଟଫର୍ମ ଏବଂ ପରିଚୟପତ୍ର ଜାରି କରୁଥିବା ଅଧିକାରୀ ଆଦି ରହିଛନ୍ତି। ସୁରକ୍ଷିତ ସଂଯୋଗ ଦ୍ୱାରା(ସିକ୍ୟୁର କନେକ୍ଟିଭିଟି) ଡିଆଇପି ନିଜର ଭୂମିକା ଅନୁସାରେ, ଆବଶ୍ୟକୀୟ ସୂଚନା ଶେୟାର କରିଥାଏ। ତେବେ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏହି ପ୍ଲାଟ୍‌ଫର୍ମଟି ସାଧାରଣ ନାଗରିକଙ୍କ ବ୍ୟବହାର ପାଇଁ ଉଦ୍ଦିଷ୍ଟ ନୁହେଁ।



ବାତିଲ୍ ହୋଇପାରେ ୨୦ ଲକ୍ଷ ମୋବାଇଲ୍ ନମ୍ବର

## ବେଆଇନ କୋଇଲା ପରିବହନ ପାଇଁ ପାରାଦୀପ ପରିବେଶ ପ୍ରଦୂଷିତ

# ୪ ସପ୍ତାହ ମଧ୍ୟରେ ରିପୋର୍ଟ ଦେବାକୁ ଏନଜିଟିଙ୍କ ନିର୍ଦ୍ଦେଶ

**କଟକ, ୧୦।୫(ସମିସ):** ପାରାଦ୍ୱୀପ ସହରାଞ୍ଚଳ ଦେଇ ଯାଇଥିବା ଭୁତମୁଣ୍ଡାଇ-ଅଠରବାଙ୍କୀ ଜାତୀୟ ରାଜପଥ ଅଞ୍ଚଳ ସମେତ ପାରାଦ୍ୱୀପ ସହରରେ ବେଆଇନ କୋଇଲା ପରିବହନ ପାଇଁ ପ୍ରଦୂଷିତ ହେଉଥିବା ଅଭିଯୋଗରେ ରୁଜୁ ମାମଲାକୁ ଜାତୀୟ ଗ୍ରିନ ଟ୍ରିବ୍ୟୁନାଲ (ଏନଜିଟି) ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି। ପ୍ରିୟବ୍ରତ ଉତ୍ତମ ନାୟକଙ୍କ ପକ୍ଷରୁ ଦାୟର ଆବେଦନର ଶୁଣାଣି କରି ସମସ୍ତ ପ୍ରତିପକ୍ଷଙ୍କୁ ଏନଜିଟି ନୋଟିସ୍ ଜାରି କରିଛନ୍ତି। ସ୍ଥିତି ଅନୁଧ୍ୟାନ କରି ୪ ସପ୍ତାହ ମଧ୍ୟରେ ରିପୋର୍ଟ ଦାଖଲ ପାଇଁ ଏନଜିଟି ଏକ କମିଟି ଗଠନ କରିଛନ୍ତି। ଏହି କମିଟିରେ ଜଗତସିଂହପୁର ଜିଲ୍ଲାପାଳ କିମ୍ବା ଏଡିଏମ ପାହ୍ୟାର ଅଧିକାରୀ, ରାଜ୍ୟ ଓ କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଜଣେ ଲେଖାଁଏ ବରିଷ୍ଠ ବୈଜ୍ଞାନିକ ରହିବେ ବୋଲି ଏନଜିଟି ନିର୍ଦ୍ଦେଶ ଦେଇଛନ୍ତି। କମିଟି ଘଟଣାସ୍ଥଳ ପରିଦର୍ଶନ କରି ଆବଶ୍ୟକ ପ୍ରତିକାର ବ୍ୟବସ୍ଥା ଗ୍ରହଣ କରିବ। ଏଥିସହ କମିଟି ପକ୍ଷରୁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ସତ୍ୟପାଠ ଦାଖଲ କରିବ। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଆଫରାଜ ସୁହେଲ ମାମଲା ପରିଚାଳନା କରୁଛନ୍ତି।

## ଚୌଦ୍ୱାର-କଟକ ବିଧାନସଭା କ୍ଷେତ୍ର

# ପାରମ୍ପରିକ ଭୋଟ ହାତେଇପାରିବ କି କଂଗ୍ରେସ

**କଟକ,୧୦।୫(ସମିସ)**

ଚୌଦ୍ୱାର-କଟକ ବିଧାନସଭା କ୍ଷେତ୍ରରେ ଶାସକ ବିଜୁ ଜନତା ଦଳ ସହ କଂଗ୍ରେସ ନା ବିଜେପି ମୁକାବିଲା କରିବ ତାହାକୁ ନେଇ ରାଜନେତିକ ମହଲରେ ଚର୍ଚ୍ଚା ଜୋର ଧରିଛି । ଏବେ ନିର୍ବାଚନ ମାହୋଲ ବେଶ ସରଗରମ ହେଲାଣି । ଏହି ନିର୍ବାଚନ ମଣ୍ଡଳୀରେ ତିନି ପ୍ରମୁଖ ରାଜନୈତିକ ଦଳର ପ୍ରାର୍ଥୀ ମଇଦାନକୁ ଓହ୍ଲାଇ ସାରିଛନ୍ତି । ଏଥର ଏହି ନିର୍ବାଚନମଣ୍ଡଳୀରେ କଂଗ୍ରେସ ଜଣେ ମହିଳା ତଥା ପୂର୍ବତନ ବିଧାୟକ ରବି ମଲ୍ଲିକଙ୍କ ବୋହୂ ମୀରା ମଲ୍ଲିକଙ୍କୁ ପ୍ରାର୍ଥୀ କରିଛି। ମୀରାଙ୍କ ପାଇଁ ଏବେ କଂଗ୍ରେସର ପାରମ୍ପରିକ ଭୋଟ ବ୍ୟାଙ୍କକୁ ହାତେଇବା ଏକ ପ୍ରକାର ଚାଲେଞ୍ଜ ହୋଇ ଉଭା ହୋଇଛି । ବିଜେଡି ପ୍ରାର୍ଥୀ ସୋ÷÷ଭିକ ବିଶ୍ୱାଳଙ୍କ ସହ ବିଜେପିର ଭେଟେରାନ ନେତା ନୟନ କିଶୋର ମହାନ୍ତି ଓ କଂଗ୍ରେସର ନୂଆ ମୁହଁ ମୀରା ମଲ୍ଲିକଙ୍କ ଲଢେଇ ହେଉଛି । ବର୍ତ୍ତମାନ ସୁଦ୍ଧା ପ୍ରଚାର ଅଭିଯାନରେ ସମସ୍ତଙ୍କୁ ପଛରେ ପକାଇଛନ୍ତି ସୌଭିକ। ଗୁରୁତ୍ୱପୂର୍ଣ୍ଣ ହେଲାକି ଚୌଦ୍ୱାର-କଟକ ବିଧାନସଭା ନିର୍ବାଚନ ମଣ୍ଡଳୀ ପୁନର୍ଗଠନ ହେବା ପରେ ତିନି ଗୋଟି ସାଧାରଣ ନିର୍ବାଚନ ହୋଇଛି । ୨୦୦୯ ଓ ୨୦୧୯ରେ କଂଗ୍ରେସ ଦଳ ଏହି ନିର୍ବାଚନ ମଣ୍ଡଳୀରେ

### ୨୦୦୯ ଓ ୨୦୧୯ରେ ଦଳ ଚତୁର୍ଥ ସ୍ଥାନରେ ଥିଲା

ଅତି ଦୟନୀୟ ପ୍ରଦର୍ଶନ କରିଥିଲା । ୨୦୦୯ରେ କଂଗ୍ରେସର ପ୍ରାର୍ଥୀ ହୋଇ ମାତ୍ର ୮୪୯୮ଭୋଟ ପାଇ ଚତୁର୍ଥ ସ୍ଥାନରେ ରହିଥିଲେ । ସେହିପରି ୨୦୧୯ରେ ଦଳର ପ୍ରାର୍ଥୀ ହୋଇଥିବା ଜଗଦୀଶ ଚନ୍ଦ୍ର ମହାନ୍ତିଙ୍କୁ ମିଳିଥିଲା ମାତ୍ର ୬୮୯୨ଭୋଟ । କେବଳ ୨୦୧୪ରେ କଂଗ୍ରେସ ପ୍ରାର୍ଥୀ ହୋଇଥିବା ସୁରେଶ ମହାପାତ୍ର କିନ୍ତୁ ୨୯ହଜାର ଭୋଟ ପାଇପାରିଥିଲେ । ୨୦୦୯ ଓ ୨୦୧୯ନିର୍ବାଚନରେ ସ୍ୱାଧୀନ ପ୍ରାର୍ଥୀ ଦୀପକ ବାରିକ କଂଗ୍ରେସ ପ୍ରାର୍ଥୀଙ୍କ ଠାରୁ ଅଧିକ ଭୋଟ ପାଇଥିଲେ। ଚଳିତ ନିର୍ବାଚନରେ ଦୀପକ ବାରିକ ମଧ୍ୟ ସ୍ୱାଧିନ ପ୍ରାର୍ଥୀ ହୋଇଥିବା ଜଣାପଡିଛି । ଏଣୁ ଦଳର ପ୍ରାର୍ଥୀ ହୋଇଥିବା ମୀରା ମଲ୍ଲିକ ଦଳର ପାରମ୍ପରିକ ଭୋଟ ବଜାୟ ରଖିବା ଲକ୍ଷ୍ୟରେ ରହିଛନ୍ତି ।

ଏହି ନିର୍ବାଚନ ମଣ୍ଡଳୀରୁ ଗତ ନିର୍ବାଚନରେ ବିଜୟୀ ହୋଇଥିବା ବିଜେଡି ପ୍ରାର୍ଥୀ ସୌଭିକ ଦ୍ୱିତୀୟ ଥର ପାଇଁ ନିଜର ଭାଗ୍ୟ ପରୀକ୍ଷା କରୁଛନ୍ତି । ଚଳିତ ନିର୍ବାଚନରେ ଏହି ନିର୍ବାଚନମଣ୍ଡଳୀରେ ଉଭୟ ବିଜେପିରେ ଗୋଷ୍ଠୀ କନ୍ଦଳ ଥିବା ବେଳେ ଏହି ଅସନ୍ତୁଷ୍ଟ ଗୋଷ୍ଠୀଙ୍କ ଭୋଟ ମଧ୍ୟ ନିର୍ଣ୍ଣାୟକ ହେବ ବୋଲି ଆଲୋଚନା ହେଉଛି । ସେହିପରି ଗତ ମହାନଗର କର୍ପୋରେଟର ନିର୍ବାଚନରେ ମାତ୍ର ଗୋଟିଏ ଭୋଟରେ ପରାଜିତ ହୋଇଥିବା ରୂପାଲି ଲେଙ୍କା ସ୍ୱାଧୀନ ପ୍ରାର୍ଥୀ ଭାବେ ଅବତୀର୍ଣ୍ଣ ହୋଇଛନ୍ତି । ସେ ମଧ୍ୟ ନିଜ ୱାର୍ଡ ସମେତ ଆଖାପାଖ ଅଞ୍ଚଳ ଭୋଟ ହାତେଇବା ପାଇଁ ଲକ୍ଷ୍ୟ ରଖିଛନ୍ତି । ୫ଥର ବିଜେପି ଟିକେଟରେ ନିର୍ବାଚନ ଲଢି ପରାଜିତ ହୋଇଥିବା ବରିଷ୍ଠ ନେତା ନୟନକିଶୋର ମହାନ୍ତିଙ୍କୁ ବିଜେପି ଟିକେଟରେ ଷଷ୍ଠ ଥର ପାଇଁ ଲଢୁଛନ୍ତି । ଏଣୁ ସବୁ ବିଜେପି ଭୋଟ ହାତେଇବା ତାଙ୍କ ପାଇଁ ବି ଚାଲେଞ୍ଜ ହୋଇଛି । ବିଗତ ରେକର୍ଡକୁ ଅନୁଧ୍ୟାନ କରିଲେ ଜଣାଯାଏ ଯେ, ଏହି ନିର୍ବାଚନ ମଣ୍ଡଳୀଟି ଗତ ୨୦୦୪ମସିହାରୁ ବିଜୁ ଜନତା ଦଳ ଅକ୍ତିଆରରେ ରହିଆସିଛି । କଟକ ମହାନଗର ନିଗମର ୨୫ନମ୍ବର ୱାର୍ଡ , ୨୭ରୁ ୪୨ନମ୍ବର ପର୍ଯ୍ୟନ୍ତ ୱାର୍ଡ, ୪୪ଓ ୪୫ନମ୍ବର ୱାର୍ଡ,ଟାଙ୍ଗୀ-ଚୌଦ୍ୱାର ବ୍ଲକର ୪ଟି ପଞ୍ଚାୟତ, ଚୌଦ୍ୱାର ମ୍ୟୁନସିପାଲଟି ଆଦି ଅଞ୍ଚଳ ରହିଛି।

## ଅଦାଲତରେ ହାଜର ହେଲେନି ଅନୁଭବ

# ୧୩ରେ ହେବ ଚାର୍ଜଫ୍ରେମ

**କଟକ, ୧୦।୫(ସମିସ):**କଟକ ପୁରୀଘାଟ ଥାନାରେ ବର୍ଷା ପ୍ରିୟଦର୍ଶିନୀଙ୍କ ପକ୍ଷରୁ ରୁଜୁ ଏତଲା ଆଧାରରେ ସାଂସଦ ତଥା ଅଭିନେତା ଅନୁଭବ ମହାନ୍ତିଙ୍କ ବିରୋଧରେ ପୁଲିସ ଚାର୍ଜସିଟ୍ ଦାଖଲ କରିବା ସହ ଅଦାଲତ କଗ୍ନିଜାନ୍ସ ଗ୍ରହଣ କରିଥିଲେ। ଏହି ମାମଲାରେ ଆଜି ଅଦାଲତ ଅନୁଭବ ଓ ଦୁଇ ସହଯୋଗୀଙ୍କ ବିରୋଧରେ ଚାର୍ଜଫ୍ରେମ କରିବା କଥା। ହେଲେ ଅନୁଭବ ଆଜି ବ୍ୟକ୍ତିଗତ କାରଣ ଦର୍ଶାଇ ଅଦାଲତରେ ହାଜର ହୋଇ ନଥିଲେ। ନିଜ ଓକିଲଙ୍କ ଜରିଆରେ ଅତିରିକ୍ତ ସମୟ ଲୋଡ଼ି ଅଦାଲତରେ ଏକ ଟାଇମ ପିଟିସନ ଦାଖଲ କରିଥିଲେ। ଅଦାଲତ ଏଥିପାଇଁ ଅନୁମତି ପ୍ରଦାନ କରିବା ସହ ଆସନ୍ତା ୧୩ ତାରିଖରେ ଚାର୍ଜଫ୍ରେମ ପାଇଁ ଧାର୍ଯ୍ୟ କରିଥିବା ଜଣାପଡ଼ିଛି।

ପ୍ରକାଶଥାଉକି ଗତ ୮ ତାରିଖରେ ବର୍ଷାଙ୍କ ପକ୍ଷରୁ ଦାୟର ମାମଲାରେ ଉପଯୁକ୍ତ ପ୍ରମାଣ ନଥିବା ଓ ଏହା ଏକ ମିଥ୍ୟା ମାମଲା ଦର୍ଶାଇ ଅନୁଭବଙ୍କ ପକ୍ଷରୁ ରୁଜୁ ଡିସ୍ଚାର୍ଜ ପିଟିସନକୁ କଟକ ଜେଏମ୍ଏଫ୍ସି ତଥା ସାଂସଦ-ବିଧାୟକଙ୍କ ମାମଲା ଶୁଣାଣି ପାଇଁ ଉଦ୍ଦିଷ୍ଟ ସ୍ୱତନ୍ତ୍ର ଅଦାଲତ ଖାରଜ କରିଦେଇଥିଲେ। ଆଜି ଏହି ମାମଲାରେ ଚାର୍ଜଫ୍ରେମ ପାଇଁ ତାରିଖ ଧାର୍ଯ୍ୟ ହେବା ସହ ଅନୁଭବ ଓ ତାଙ୍କର ଦୁଇ ସହଯୋଗୀଙ୍କୁ ହାଜର ହେବାକୁ ନୋଟିସ କରାଯାଇଥିଲା।

# ଖାଉଟି ସୁରକ୍ଷା ଆଇନ ଅନୁସାରେ ପିଡିଏସ ହିତାଧିକାରୀ ଜଣେ ଉପଭୋକ୍ତା: ହାଇକୋର୍ଟ

**କଟକ, ୧୦।୫(ସମିସ):** ପିଡିଏସ୍ (ସାଧରଣବଣ୍ଟନବ୍ୟବସ୍ଥା) ହିତାଧିକାରୀଙ୍କୁ ଜଣେ ଉପଭୋକ୍ତା ବା ଗ୍ରାହକ ଭାବେ ବିବେଚନା କରାଯିବ ବୋଲି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ପିଡିଏସ ହିତାଧିକାରୀ ବ୍ୟକ୍ତିଗତ ଉପଯୋଗ ପାଇଁ ଆବଶ୍ୟକ ସାମଗ୍ରୀ ସରକାରଙ୍କ ଦ୍ୱାରା ପ୍ରଦାନ କରାଯାଉଥିବା ସେବା ମାଧ୍ୟମରେ ପାଇଥାନ୍ତି। ତେଣୁ ଖାଉଟି ସୁରକ୍ଷା ଆଇନ ଅନୁସାରେ, ପିଡିଏସ ହିତାଧିକାରୀଙ୍କୁ ଜଣେ ଗ୍ରାହକ ବୋଲି ବିବେଚନା କରାଯିବ ବୋଲି ହାଇକୋର୍ଟ କହିଛନ୍ତି। ଯୋଗାଣ ବିଭାଗର ଜନୈକ ଡିଲର ଏସ. ତ୍ରିପାଠୀଙ୍କ ତରଫରୁ ଦାୟର ଆବେଦନର ଶୁଣାଣି କରି ବିଚାରପତି ଜଷ୍ଟିସ ସଞ୍ଜୀବ କୁମାର ପାଣିଗ୍ରାହୀ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଏଥିସହ ପିଡିଏସ ହିତାଧିକାରୀ ଜଣେ ଗ୍ରାହକ ଓ ତାଙ୍କୁ ରାସନ ସାମଗ୍ରୀ ପ୍ରଦାନ କରାଯାଉ ବୋଲି ଜଗତସିଂହପୁର ଜିଲ୍ଲା ଖାଉଟି ବିବାଦ ସମାଧାନ କମିସନ୍ ୨୦୨୦, ନଭେମ୍ବର ୩ରେ ପ୍ରଦାନ କରିଥିବା ଆଦେଶ କାଏମ ରହିଛି ଓ ଏହା ବିରୋଧରେ ଦାୟର ଆବେଦନକୁ ହାଇକୋର୍ଟ ଖାରଜ କରିଛନ୍ତି।

# ଆଠଗଡ଼ରେ କୃଷକ ଦିବସ ଓ ଅକ୍ଷୟ ତୃତୀୟା



**ଆଠଗଡ,୧୦।୫(ସମିସ):** ଆଠଗଡ ବ୍ଲକସ୍ତରୀୟ କୃଷକ ଦିବସ ଓ ଅକ୍ଷୟ ତୃତୀୟା ଖୁଣ୍ଟୁକଟା ପଞ୍ଚାୟତରେ ବିଜୁ କୃଷକ ଜନତା ଦଳ ସଭାପତି ସୁବାସ ଚନ୍ଦ୍ର ପାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କୃଷି କୃଷକ ସଶକ୍ତିକରଣ ପ୍ରାଣୀ ସମ୍ପଦ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ମୁଖ୍ୟଅତିଥି ଭାବରେ ଯୋଗଦେଇ ଅଖିମୁଠି ଅନୁକୂଳ କରି କହିଲେ ଆଜି ହେଉଛି କୃଷକ ଦିବସ ଓ ଅକ୍ଷୟ ତୃତୀୟା କେଉଁ ଆବାହନ କାଳରୁ ଏହି ଦିବସ ଆମର ଚାଷୀଭାଇ ମାନେ ପାଳନ କରୁଛନ୍ତି, ଏହି ପର୍ବଟି କୃଷି, କୃଷକ ଓ ଜଗନ୍ନାଥ ସଂସ୍କୃତି ପାଇଁ ମହାନ ଦିନ। ୨୦୧୩ରେ ରାଜ୍ୟ ସରକାର କୃଷି ପାଇଁ ସତନ୍ତ୍ର ବଜେଟ ଆଠଶହ କୋଟି କରିଥିବା ବେଳେ ଚଳିତ ବର୍ଷ ଏହା ଚବିଶି ଶହ କୋଟିରେ ପହଞ୍ଚିଛି। ଏହି ଉତ୍ସବରେ ମୁଖ୍ୟବକ୍ତା ଭାବରେ ଆଠଗଡ଼ ପଞ୍ଚାୟତ ସମିତିର ପୂର୍ବତନ ଅଧ୍ୟକ୍ଷ ରଞ୍ଜନ କୁମାର ଆଚାର୍ଯ୍ୟ, ସମ୍ମାନିତ ଅତିଥି ପୂର୍ବତନ ଜିଲ୍ଲାପରିସଦ ସଭ୍ୟ ନୃସିଂହ ଚରଣ ମହାପାତ୍ର, ଆଠଗଡ ବିଜ୍ଞାପିତ ପରିଷଦର ଅଧ୍ୟକ୍ଷା ସସ୍ମିତା ରାଉତ, ପୂର୍ବତନ କଟକ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ସୁନୀଲ ପରିଡା, ଜିଲ୍ଲା ପରିଷଦ ସଭ୍ୟ ଶାନ୍ତିଲତା ବେହେରା, ଶିକ୍ଷାବିତ ନୀଳମଣି ନାୟକ, ଶିକ୍ଷାବିତ ବିଭୁ ପ୍ରସାଦ ପଟ୍ଟନାୟକ, ଅକ୍ଷୟ କୁମାର ମହାରଣା, ଖୁଣ୍ଟୁକଟା ସରପଞ୍ଚ ମନୋଜ କୁମାର ନାୟକ, ସମିତି ସଭ୍ୟା ଜୟଶ୍ରୀ ଦେଉରୀ, କୃଷକ ନେତା ନିରାକାର ଲେଙ୍କା ଯୋଗଦାନ କରି ଅକ୍ଷୟ ତୃତୀୟା, କୃଷକ ଦିବସ ଉପରେ ଆଲୋକପାତ କରିଥିଲେ। ଆଠଗଡ଼ ଅଗ୍ରଣୀ ସଫଳ ଚାଷୀ ଜ୍ୟୋସ୍ନାରାଣୀ ନାୟଜ, ମଞ୍ଜୁଲତା ବେହେରା, ସଚଳା ବେହେରା, ଶ୍ରୀନିବାସ ସାହୁ, ପ୍ରତାପ ପ୍ରଧାନ, ରଘୁନାଥ ବିଶ୍ୱାଳ ଓ ଅନ୍ୟ ଅଗ୍ରଣୀ ଚାଷୀଙ୍କୁ ମୁଖ୍ୟଅତିଥି ଶ୍ରୀ ସ୍ୱାଇଁ ସମ୍ମାନୀତ କରିଥିଲେ।

## ବିଜେପି ପ୍ରାର୍ଥୀଙ୍କ ରାଲିରେ ସରକାରୀ କର୍ମଚାରୀ

# କାର୍ଯ୍ୟାନୁଷ୍ଠାନ ଦାବି କଲା ବିଜେଡି

**ଭୁବନେଶ୍ୱର, ୧୦।୫(ସମିସ):** କଟକ ଜିଲ୍ଲା ନରସିଂହପୁର ବ୍ଲକ ଅନ୍ତର୍ଗତ ବୋକୋଡ଼ା ପଞ୍ଚାୟତର କୃଷି ମିତ୍ର ହେମନ୍ତ କୁମାର ବେହେରାଙ୍କ ବିରୋଧରେ ଆସିଛି ନିର୍ବାଚନ ଆଚରଣବିଧି ଉଲ୍ଲଂଘନ ଅଭିଯୋଗ। ଜଣେ ସରକାରୀ କର୍ମଚାରୀ ହୋଇ ସୁଦ୍ଧା ଶ୍ରୀ ବେହେରା ବିଜେପି ପ୍ରାର୍ଥୀଙ୍କ ନାମାଙ୍କନ ଦାଖଲ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ତେଣୁ ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବା ଉଚିତ ବୋଲି ଦାବି କରି ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଫେରାଦ ହୋଇଛି ବିଜେଡି। ଦଳ ପକ୍ଷରୁ କୁହାଯାଇଛି ଯେ ବଡ଼ମ୍ବା ବିଜେପି ବିଧାନସଭା ପ୍ରାର୍ଥୀ ସମ୍ବିତ ତ୍ରିପାଠୀ ନାମାଙ୍କନ ଦାଖଲ ପାଇଁ ଯାଇଥିଲେ। ବିଜେପି ପ୍ରାର୍ଥୀଙ୍କ ରାଲିରେ ଶ୍ରୀ ବେହେରା ସାମିଲ ହୋଇଥିଲେ। ନିର୍ବାଚନୀ ସଭା ସମିତି, ରାଲିରେ ସାମିଲ ନ ହେବା ପାଇଁ ସରକାରୀ କର୍ମଚାରୀମାନଙ୍କ ପାଇଁ ସ୍ପଷ୍ଟ ନିର୍ଦ୍ଦେଶନାମା ରହିଛି। କିନ୍ତୁ ଶ୍ରୀ ବେହେରା ଏହି ନିର୍ଦ୍ଦେଶର ଖୋଲାଖୋଲି ଉଲ୍ଲଂଘନ କରିଛନ୍ତି। ରାଜ୍ୟରେ ସ୍ୱଚ୍ଛ ଏବଂ ଅବାଧ ନିର୍ବାଚନ ପରିଚାଳନାରେ ତାଙ୍କର ଏତାଦୃଶ୍ୟ କାର୍ଯ୍ୟ ବିପରୀତ ପ୍ରଭାବ ପକାଇବ। ତେଣୁ ଶ୍ରୀ ବେହେରାଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ହେବା ଜରୁରୀ ବୋଲି ବିଜେଡି ପକ୍ଷରୁ କୁହାଯାଇଛି। ବିଜେଡିର ଏହି ପ୍ରତିନିଧି ଦଳରେ ରାଜ୍ୟସଭା ସାଂସଦ ଡ. ସସ୍ମିତ ପାତ୍ର, ସ୍ୱୟମ୍ ପ୍ରକାଶ ମହାପାତ୍ର, ମାହିକ୍ଷୀତା ମିଶ୍ର, ଇପ୍ସିତା ସାହୁ, ଡ. ପ୍ରିୟବ୍ରତ ମାଝୀ, ଓମ୍ ପ୍ରକାଶ ସାହୁ, ସୋଫିଆ ଆଲାମ, ଅପୂର୍ବା ଅପରୂପା ପ୍ରମୁଖ ସାମିଲ ହୋଇଥିଲେ।

# ବାଙ୍କୀରେ ବିଜେଡି ବିଧାୟକ ପ୍ରାର୍ଥୀଙ୍କ ପ୍ରଚାର



**ବାଙ୍କୀ,୧୦।୫(ସମିସ):** ବାଙ୍କୀ ଏନ୍ଏସି ଅନ୍ତର୍ଗତ ସାହାଡାପଦା ଓ ଡାଙ୍ଗିପିଟା ଗ୍ରାମର ୧୪, ୧୫ ଓ ୧୬ ନମ୍ବର ୱାର୍ଡର ଘରକୁ ଘର ବୁଲି ବିଜେଡି ବିଧାୟକ ପ୍ରାର୍ଥୀ ଦେବୀରଞ୍ଜନ ତ୍ରିପାଠୀ ସମସ୍ତ ଭୋଟରମାନଙ୍କୁ ସାକ୍ଷାତ କରିବା ସହିତ ଆସନ୍ତା ନିର୍ବାଚନରେ ବିପୁଳ ସଂଖ୍ୟାରେ ଭୋଟ ଦେଇ ତାଙ୍କୁ ନିର୍ବାଚିତ କରିବା ପାଇଁ ଆଶୀର୍ବାଦ ପ୍ରଦାନ କରିବାକୁ ସେ ଅନୁରୋଧ କରିଥିଲେ। ଏହି କାର୍ଯ୍ୟକ୍ରମରେ ନଗରପାଳ ମାଣିକ ସାହୁ, ଉପନଗରପାଳ ସନ୍ତୋଷ ରଣା, ନଗର ବିଜେଡି ସଭାପତି ହରେକୃଷ୍ଣ ଦାଶ, ନଗର ଯୁବବିଜେଡି ସଭାପତି ପଠାଣୀ ବେହେରା, କାଉନସିଲର ରାଜେନ୍ଦ୍ର ମହାପାତ୍ର, କଟକ ଜିଲ୍ଲା ବିଜେଡି ସାଧାରଣ ସଂପାଦକ ସନାତନ ବେହେରା, ଚନ୍ଦନ ଗଣ୍ଡିଆ, ଧର୍ମାନନ୍ଦ ସ୍ୱାଇଁ, ବିଜୟ ସ୍ୱାଇଁ, ପ୍ରବୋଧ ମହାପାତ୍ର, ସୁଦର୍ଶନ ପାଢୀ, ବିକଳ ଗୋଛି, ଦିଲ୍ଲୀପ ଗୋଛି, ପ୍ରତାପ ରାଉତଙ୍କ ସମେତ ବହୁ ବିଜେଡି କାର୍ଯ୍ୟକର୍ତ୍ତା ସାମିଲ ହୋଇଥିଲେ। ବରିଷ୍ଠ ବିଜେଡି ନେତା ତଥା ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ସୁବାସ ଚନ୍ଦ୍ର ପାଢ଼ୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ସ୍ୱାଧୀନତା ସଂଗ୍ରାମୀଙ୍କ ଶ୍ରାଦ୍ଧ ଉତ୍ସବ



**ମାହାଙ୍ଗା,୧୦।୫(ସମିସ):** ମାହାଙ୍ଗା ବ୍ଲକ ଅନ୍ତର୍ଗତ ମୂଳବସନ୍ତ ପଂଚାୟତସ୍ଥ ବାଗ୍ମୀ ବିଶ୍ୱନାଥ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ସ୍ୱାଧିନତା ସଂଗ୍ରାମୀ ତଥା ପୂର୍ବତନ ସରପଂଚ ଲୋକବନ୍ଧୁ ଜଗନ୍ନାଥ କରଙ୍କ ୨୭ ତମ ଶ୍ରାଦ୍ଧ ଉତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଶ୍ୱଜିତ ସେଠୀଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ଅତିଥିଭାବେ କବି ପ୍ରଶାନ୍ତ କର, ଶିକ୍ଷାବିତ୍ କୈଳାସ ବଳବନ୍ତରାୟ, ଶିକ୍ଷକ ବିନୋଦ ବିହାରୀ ମିଶ୍ର, ଚିତରଞ୍ଜନ ସିଂହ, ବିଜୟ ନାୟକ, ପଞ୍ଚାନନ ପଣ୍ଡା, ହରିହର ବିଶ୍ୱାଳ, ଉମେଶ ଚନ୍ଦ୍ର ସାହୁ, ପ୍ରଣୟ ବଳବନ୍ତରାୟ ପରିଚାଳନା କମିଟି ସଭାପତି ଅଜିତ ମହାନ୍ତି, ରତିକାନ୍ତ କର, ସନ୍ତୋଷ କର, ସନ୍ତୋଷ ରାଉତରାୟ, ଅଜୟ ରାଉତ, ଗଣେଶ୍ୱର ବଳବନ୍ତରାୟ, ସତ୍ୟାନନ୍ଦ ସାମଲ, ରାଧାକାନ୍ତ କର, ଚୈତନ୍ୟ ବେହେରା, ଅନିଲ କୁମାର ଦାସ ପ୍ରମୁଖ ଯୋଗଦେଇ ସ୍ୱର୍ଗତ କରଙ୍କ ବହୁମୁଖି ପ୍ରତିଭା ସଂପର୍କରେ ଅଲୋଚନା କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ବୈଶାଖୀ ସାରସ୍ୱତ ଉତ୍ସବ ଓ ପୁସ୍ତକ ଉନ୍ମୋଚିତ

**ବାଙ୍କୀ,୧୦।୫(ସମିସ):** ବାଙ୍କୀ ବ୍ଲକ ବୈଦ୍ୟେଶ୍ୱରସ୍ଥ ଶ୍ରୀ ବୈଦ୍ୟନାଥ ଦେବଙ୍କ ପୀଠରେ ଆଜି ସଂପର୍କ ସାହିତ୍ୟ ସଂସଦ ଓ ମହାବୀର ସାହିତ୍ୟ ସଂସଦର ମିଳିତ ଆନୁକୂଲ୍ୟରେ ବୈଶାଖୀ ସାରସ୍ୱତ ଉତ୍ସବ, ପୁସ୍ତକ ଉନ୍ମୋଚନ, ସମ୍ବର୍ଦ୍ଧନା ଉତ୍ସବ ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ସଂପର୍କ ସାହିତ୍ୟ ସଂସଦର ସଂପାଦକ କବି ରବିନାରାୟଣ ମଙ୍ଗରାଜ ସଭାପତିତ୍ୱ କରିବା ସହିତ




ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବେ ବଡମ୍ବା ବିକଚ ସାହିତ୍ୟ ସଂସଦର ସଭାପତି ଦୁର୍ଯ୍ୟୋଧନ ବରାଳ ଯୋଗଦାନ କରି ରାମାୟଣରେ ସାହିତ୍ୟର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ନରସିଂହପୁର ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ କୁଳମଣି ବାରିକ ଯୋଗାଦାନ କରି ସାହିତ୍ୟ ଓ ସାହିତ୍ୟର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ସମ୍ମାନୀତ ଅତିଥି ଭାବେ ସଚ୍ଚିଦାନନ୍ଦ ଦାଶ, ପ୍ରଫୁଲ କୁମାର ମହାନ୍ତି ଯୋଗଦାନ କରି ସଂପର୍କ ସାହିତ୍ୟାନୁଷ୍ଠାନ ଓଡ଼ିଶାର ବିଭିନ୍ନ ଅନୁଷ୍ଠାନ ସହିତ ସଂପର୍କର ସେତୁ ସ୍ଥାପନ କରିଛି ବୋଲି ଉଲ୍ଲେଖ କରିଥିଲେ। ଅତିଥି ଭାବେ ପ୍ରାଧ୍ୟାପକ ମନୋଜ ମହାପାତ୍ର କରିଥିଲେ। ମହାବୀର ସାହିତ୍ୟ ସଂସଦର ସଂପାଦିକା ପୁଷ୍ପଲତା ମହାପାତ୍ର ବିବରଣୀ ପାଠ କରିବା ସହିତ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ କବି ନରୋତ୍ତମ ବେହେରାଙ୍କ 'ସୁନ୍ଦର କାଣ୍ଡ', କବୟିତ୍ରୀ କଳ୍ପନା ରାଉତଙ୍କ କବିତା ପୁସ୍ତକ 'ସମୟର ସାଥେ' ଓ ବୈକୁଣ୍ଠ ନାଥ ମହାପାତ୍ରଙ୍କ 'ସୀତାରାମ ନାଟ୍ୟଗୁଞ୍ଜନ' ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଏକ ମନୋଜ୍ଞ କବିତା ପାଠୋତ୍ସବ ଅଧ୍ୟାପିକା ସ୍ୱାଗତିକା ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିଲା। ଏଥିରେ କବି ଉମାକାନ୍ତ ବେହେରା, ପ୍ରଫୁଲ ସାହୁ, ଲଲାଟେନ୍ଦୁ ପଣ୍ଡା, ସଂଜୀବ ଦାସ, ଭାରତୀ ରଥ, ମନ୍ମଥ ସ୍ୱାଇଁ , ରାଜକିଶୋର ପାଣିଗ୍ରାହୀ, ଗଙ୍ଗାଧର ଓଝା ପ୍ରମୁଖ ଶତାଧିକ କବି ସେମାନଙ୍କ ସ୍ୱରଚିତ କବିତା ପାଠ କରିଥିଲେ। ପୁସ୍ତକ ଗୁଡିକୁ କବି ସନ୍ତୋଷ କୁମାର ମହାପାତ୍ର ସମୀକ୍ଷା କରିଥିଲେ। ଏହି ଅବସରରେ ୮ଜଣ କବିଙ୍କୁ ମାନପତ୍ର ଓ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। କବି ନରୋତ୍ତମ ବେହେରା ଧନ୍ୟବାଦ ଦେଇଥିଲେ।

# ବିଜେଡି ନିର୍ବାଚନ ଇସ୍ତାହାରକୁ ବାଙ୍କୀରେ ସ୍ୱାଗତ

**ବାଙ୍କୀ,୧୦।୫(ସମିସ):** ଚଳିତ ସାଧାରଣ ନିର୍ବାଚନ ଓ ବିଧାନସଭା ନିର୍ବାଚନ ପାଇଁ ବିଜୁ ଜନତା ଦଳ ପକ୍ଷରୁ ନିର୍ବାଚନୀ ଇସ୍ତାହାର ରାଜ୍ୟ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଭୁବନେଶ୍ୱର ଠାରେ ଉନ୍ମୋଚିତ ହୋଇଛି। ଏହି ଅବସରରେ ବାଙ୍କୀ ବିଜୁ ଜନତା ଦଳ ପକ୍ଷରୁ ସ୍ଥାନୀୟ ବିଜେଡି କାର୍ଯ୍ୟାଳୟ ଠାରେ ବାଜା ବଜାଇବା ସହ ବାଣ ଫୁଟାଇ ଏହି ଇସ୍ତାହାରକୁ ସ୍ୱାଗତ କରି ଉତ୍ସବ ମନାଯାଇଥିଲା। ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଜେଡିର ନିର୍ବାଚନ ଇସ୍ତାହାରକୁ ସ୍ୱାଗତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡମପଡ଼ା ବ୍ଲକ ଅଧ୍ୟକ୍ଷ ପ୍ରଣବ କିଶୋର ପଟେଲ, ଉପନଗରପାଳ ସନ୍ତୋଷ କୁମାର ରଣା, ବାଙ୍କୀ ନଗର ବିଜେଡି ସଭାପତି ହରେକୃଷ୍ଣ ଦାଶ, କାର୍ଯ୍ୟକାରୀ ସଭାପତି ଭାଗୀରଥି ବିଶ୍ୱାଳ, କଟକ ଜିଲ୍ଲା ବିଜେଡି ସାଧାରଣ ସଂପାଦକ ସନାତନ ବେହେରା, କାଉନସିଲର ତଥା ନଗର ଯୁବ ବିଜେଡି ସଭାପତି ପଠାଣୀ ବେହେରା, ଛାତ୍ର ବିଜେଡି ସଭାପତି ମାନସ କର, ଶ୍ରୀନିବାସ ବେହେରା, ଅନୁପ ବଥୁଆଲ, ସୌମେନ୍ଦ୍ର ମିଶ୍ର, ଚନ୍ଦନ ଗଣ୍ଡିଆ, ରାଜେନ୍ଦ୍ର ମହାପାତ୍ର, ବିଜୟ ମହାନ୍ତି ଓ ଗୌରବ ବଳିୟାର ସିଂହଙ୍କ ସମେତ ବହୁ ସଂଖ୍ୟାରେ ବିଜେଡି କର୍ମକର୍ତ୍ତା ଓ ଦଳୀୟ କର୍ମୀ ଯୋଗଦେଇ ଏହି ଇସ୍ତାହାରକୁ ସ୍ୱାଗତ କରି ଉତ୍ସବ ମନେଇଥିଲେ।




## ସଶକ୍ତ ହେଉଛି ସୂଚନା ଅଧିକାର ଆଇନ

# ଦୋଷୀ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସୁପାରିସ୍‌ରେ ଓଡ଼ିଶା ଦେଶରେ ପ୍ରଥମ

**ଭୁବନେଶ୍ୱର, ୧୦।୫(ସମିସ)**

ସୂଚନା ଅଧିକାର ଆଇନ କାର୍ଯ୍ୟାନ୍ୱୟନରେ ବଡ଼ ସଫଳତା ପାଇଛି ଓଡ଼ିଶା। ଦାୟିତ୍ୱରେ ଅବହେଳା କରୁଥିବା ସୂଚନା ଅଧିକାରୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସୁପାରିଶ କରିବାରେ ଓଡ଼ିଶା ସୂଚନା ଆୟୋଗ ଦେଶରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସେହିପରି କ୍ଷତିପୂରଣ ପ୍ରଦାନ କରିବାରେ ଦ୍ୱିତୀୟ ଏବଂ ଜରିମାନା ଲାଗୁ କରିବାରେ ୪ର୍ଥ ସ୍ଥାନରେ ରହିଛନ୍ତି ଓଡ଼ିଶା ସୂଚନା ଆୟୋଗ। ନୂଆଦିଲ୍ଲୀରେ ସତର୍କ ନାଗରିକ ସଂଗଠନ ପକ୍ଷରୁ ଜାରି ହୋଇଥିବା ସୂଚନା ଆୟୋଗ ରିପୋର୍ଟ କାର୍ଡରେ ଏହା ଦର୍ଶାଯାଇଛି। ଜୁଲାଇ ୨୦୨୨ରୁ ଜୁନ୍ ୨୦୨୩ ମଧ୍ୟରେ ଦେଶରେ ଥିବା ୨୯ଟି ସୂଚନା ଆୟୋଗର କାର୍ଯ୍ୟକାରିତା ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ରିପୋର୍ଟ ଅନୁସାରେ, ୨୦୨୨ ଜୁଲାଇ ୧ରୁ ଜୁନ୍ ୩୦, ୨୦୨୩ ମଧ୍ୟରେ ଓଡ଼ିଶା ସୂଚନା ଆୟୋଗ ସମୁଦାୟ ୫୬୯୭ଟି ଅଭିଯୋଗ ପାଇଥିଲେ। ସେଥିମଧ୍ୟରୁ ଏବଂ ପୁରୁଣା ମାମଲା ମିଶାଇ ସମୁଦାୟ ୬୩୭୯ର ସମାଧାନ ହୋଇଛି। ମାମଲା ସମାଧାନ କରିବାରେ ଓଡ଼ିଶା ସୂଚନା ଆୟୋଗ ଦେଶରେ ତ୍ରୟୋଦଶ ସ୍ଥାନରେ ଅଛନ୍ତି। ପ୍ରତି ଆୟୋଗ ବର୍ଷକୁ ହାରାହାରି ୧୧୯୬ଟି ମାମଲାର ଫଇସଲା କରୁଛନ୍ତି। ପୂର୍ବରୁ ମାମଲାର ଫଇସାଲା ପାଇଁ ହାରାହାରି ୫ବର୍ଷ ୩ ମାସ ସମୟ ଲାଗୁଥିଲା। ଏବେ ସେଥିପାଇଁ ୨ ବର୍ଷ ୭ ମାସ ସମୟ ଲାଗୁଛି। ବର୍ଷକ ମଧ୍ୟରେ ରାଜ୍ୟ ସୂଚନା ଆୟୋଗ ୪୧୯ଟି ମାମଲାର ବିଚାର କରି ମୋଟ ୫୨,୦୧,୦୦୦ ଟଙ୍କା ଜରିମାନା ଲାଗୁ କରିଛନ୍ତି। ଜରିମାନା ଲାଗୁ କରିବାରେ ଓଡ଼ିଶା ୪ର୍ଥ ସ୍ଥାନରେ ଥିବା ବେଳେ ଏହା ପଛକୁ ଉତ୍ତରପ୍ରଦେଶ, କର୍ଣ୍ଣାଟକ, ଛତିଶଗଡ଼ ଅଛନ୍ତି। ଉପରୋକ୍ତ ଅବଧି ମଧ୍ୟରେ ରାଜ୍ୟ ସୂଚନା ଆୟୋଗ ୫୮୧ଟି ମାମଲାର ବିଚାର କରି ଦୋଷୀ ଅଧିକାରୀଙ୍କ ବିରୋଧରେ ସର୍ବାଧିକ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ସୁପାରିସ କରିଛନ୍ତି। ସେହିପରି ଆୟୋଗ ୩୮ଟି ମାମଲାରେ ୬, ୭୫, ୦୦୦ ଟଙ୍କା ଜୋରିମାନା ଆଦାୟ ନିର୍ଦ୍ଦେଶ ଦେଇ ଦେଶରେ ଦ୍ୱିତୀୟ ସ୍ଥାନରେ ଅଛନ୍ତି। ଉପରୋକ୍ତ ଅବଧି ମଧ୍ୟରେ ଓଡ଼ିଶା ସୂଚନା ଆୟୋଗଙ୍କ ନିକଟରେ ୧୯,୮୩୨ ମାମଲା ବିଚାରାଧୀନ ଥିବା ବେଳେ ମାମଲା ବିଚାରରେ ଉଲ୍ଲେଖନୀୟ ପ୍ରଦର୍ଶନସ୍ୱରୂପ ବର୍ଷକ ମଧ୍ୟରେ ତାହା ୧୬,୭୦୩କୁ ଖସି ଆସିଥିଲା।

> **କ୍ଷତିପୂରଣ ପ୍ରଦାନରେ ୨ୟ ଏବଂ ଜରିମାନା ଲାଗୁରେ ୪ର୍ଥ**

# ବାଙ୍କୀରେ ନିର୍ବାଚନ ପ୍ରସ୍ତୁତି ସମୀକ୍ଷା କଲେ ଜିଲ୍ଲାପାଳ

**ବାଙ୍କୀ,୧୦।୫(ସମିସ):** ଆଜି କଟକ ଜିଲ୍ଲାପାଳ ଅରବିନ୍ଦ ଡାଲୁଆ ବାଙ୍କୀ ନିର୍ବାଚନ ମଣ୍ଡଳୀ ଗସ୍ତ କରି ଆସନ୍ତା ସାଧାରଣ ନିର୍ବାଚନ ପ୍ରସ୍ତୁତି ସଂପର୍କରେ ସମୀକ୍ଷା କରିଛନ୍ତି। ଆଜିର ଗସ୍ତରେ ଜିଲ୍ଲାପାଳ ଶ୍ରୀ ଡାଲୁଆ ବାଙ୍କୀ ନିର୍ବାଚନ ମଣ୍ଡଳୀ ଅଧିନସ୍ଥ ବିଭିନ୍ନ ବୁଥ୍ ଯଥା ଚର୍ଚ୍ଚିକା ହାଇସ୍କୁଲ ବାଙ୍କୀ, ଉଚ୍ଚପ୍ରାଥମିକ ବିଦ୍ୟାଳୟ ଶିଶୁଆ, ଉଚ୍ଚପ୍ରାଥମିକ ବିଦ୍ୟାଳୟ ଗୋଠପଡା, ବୁଥ୍ ନମ୍ବର ଯଥାକ୍ରମେ (୯୪, ୯୫, ୯୬, ୯୭ , ୧୧୯ , ୧୨୦ ଏବଂ ୧୭୬) ପରିଦର୍ଶନ କରିଥିଲେ। ବୁଥମାନଙ୍କରେ ଭୋଟର ତଥା ନିର୍ବାଚନରେ ନିୟୋଜିତ ବିଭିନ୍ନ ଅଧିକାରୀ ଓ କର୍ମ.ରୀମାନଙ୍କ ପାଇଁ ହୋଇଥିବା ବିଭିନ୍ନ ସୁବିଧା ଯଥା ଯାତାୟତ, ଆଲୋକ, ପାନୀୟଜଳ ଓ ପରିମଳ ଆଦିର ବ୍ୟବସ୍ଥା ସମ୍ପର୍କରେ ସମୀକ୍ଷା କରିଥିଲେ। ଏଥି ସହିତ ବାଙ୍କୀ ନିର୍ବାଚନ ମଣ୍ଡଳୀରେ ଆଚରଣ ବିଧିର ପାଳନ ଏବଂ ଶାନ୍ତିଶୃଙ୍ଖଳାର ସହ ଅବାଧ , ନିର୍ଭୁଲ ଓ ନିରପକ୍ଷେ ନିର୍ବାଚନ ପରିଚାଳନା ପାଇଁ ଉପଜିଲ୍ଲାପାଳ ଦେବୀ ପ୍ରସାଦ ମହାନ୍ତିଙ୍କ ସହ ଆଲୋଚନା କରିଥିଲେ। ଜିଲ୍ଲାପାଳଙ୍କ ଗସ୍ତ ସମୟରେ ଡମପଡ଼ା ବିଡିଓ, ଅଂଶୁମାନ ଦାଶ, ଡମପଡ଼ା ତହସିଲଦାର ସୁଚିସ୍ମିତା ଦାଶଙ୍କ ସମେତ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।



